୨୬ ମେ-୧ ଜୁନ୍ ୨୦୨୪

ରବିବାର
ସକାଳ
THE SAKALA

# ସିନ୍ଦୂର

- ଉତ୍କଳୀୟ ପାଲା ସଂସ୍କୃତି
- ପାଲାର ପ୍ରକାରଭେଦ
- ପାଲାରେ ଅଭିନୟ
- ପାଲାରେ ଲୋକଶିକ୍ଷା ଓ ସଚେତନତା
- ପାଲାରେ ସାଙ୍ଗୀତିକତା
- ପାଲା ଜଗତର ମହାରଥୀ





## ସମୃଦ୍ଧ ଲୋକକଳା

# ପାଲା



ଓଡ଼ିଶାର ଏକ ପ୍ରାଚୀନ ଲୋକକଳା ପାଲା । ଦିନ ଥିଲା ପାଲା ଲୋକଙ୍କ ମନୋରଞ୍ଜନର ଅନ୍ୟତମ ମାଧ୍ୟମ ପାଲଟିଥିଲା । କେବଳ ମନୋରଞ୍ଜନ ନୁହେଁ, ସାହିତ୍ୟ, ସଂସ୍କୃତି, କଳା ଚର୍ଚ୍ଚା ପାଇଁ ଏହା ହେଉଛି ଏକ ଉପଯୁକ୍ତ ମାଧ୍ୟମ । ବେଦ, ଉପନିଷଦ, ଗୀତା, ଭାଗବତ, ରାମାୟଣ, ମହାଭାରତ ଆଦିର ବିଭିନ୍ନ ଉପାଖ୍ୟାନ, ପ୍ରସିଦ୍ଧ କବିଙ୍କ କାବ୍ୟକବିତାର ପଦପଂକ୍ତିକୁ ନେଇ ଏହା ପରିବେଷଣ କରାଯାଏ । ଗାୟକଙ୍କ ସୁଲଳିତ କଣ୍ଠ ସ୍ୱର, ଅଭିନୟ ଛଟା ଦର୍ଶକଙ୍କୁ ବାନ୍ଧି ରଖେ । ଗାୟକଙ୍କ ସହିତ ଜଣେ ବାୟକ, ଜଣେ ଶ୍ରୀପାଳିଆ ଓ ୩ ଜଣ ପାଳିଆଙ୍କୁ ନେଇ ପାଲା ପରିବେଷଣ କରାଯାଏ । ଗୀତ, ବାଦ୍ୟ, ନୃତ୍ୟ, ଅଭିନୟର ମିଶ୍ରଣରେ ପାଲା ହୋଇଉଠେ ଅଧିକ ଆକର୍ଷଣୀୟ ଓ ମନୋରଞ୍ଜନଧର୍ମୀ ।

ଉତ୍କଳୀୟ ପାଲା ସଂସ୍କୃତି ବେଶ୍ ପୁରାତନ । ପୂର୍ବରୁ ବିଶେଷ ଦିନଗୁଡ଼ିକରେ ଗାଁରେ ପାଲା ପରିବେଷଣ କରାଯାଉଥିଲା । ମନୋରଞ୍ଜନ ସହିତ ଶିକ୍ଷା , ସଚେତନତାର ବାର୍ତ୍ତା ଦେଇଥାଏ ଏହି ପୁରାତନ ଲୋକକଳା । ଭାଷା ଆନ୍ଦୋଳନ, ସ୍ୱାଧୀନତା ଆନ୍ଦୋଳନ ସମୟରେ ପାଲାର ଭୂମିକା ଥିଲା ବେଶ୍ ଗୁରୁତ୍ୱପୂର୍ଣ୍ଣ । ହିନ୍ଦୁ ଓ ମୁସଲମାନ ଧର୍ମ ମଧ୍ୟରେ ସମନ୍ୱୟ ରଖିଥାଏ ପାଲା । ତେଣୁ ପାଲାରେ ସତ୍ୟନାରାୟଣ ଏବଂ ପୀର ବାବାଙ୍କୁ ନିଷ୍ଠାର ସହିତ ପୂଜା କରାଯାଇଥାଏ । ସେଥିପାଇଁ ପାଲାକୁ ସତ୍ୟପୀର ପୂଜା ବୋଲି ମଧ୍ୟ କୁହାଯାଏ ।

ନାଟକର ଆଦି ରୂପ ହେଉଛି ପାଲା । ପାଲାରେ ନୃତ୍ୟ ସହିତ ସଂଳାପ ଓ ଅଭିନୟ ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ । ତେବେ ପାଲାର ସାଙ୍ଗୀତିକତା ଦର୍ଶକ ବା ଶ୍ରୋତାମାନଙ୍କୁ ମୁଗ୍ଧ କରିଥାଏ । ନୃତ୍ୟ, ସଙ୍ଗୀତ ଓ ବିଷୟବସ୍ତୁର ନାଟକୀୟ ପରିବେଷଣ ଘଣ୍ଟା ଘଣ୍ଟା ଧରି ଦର୍ଶକଙ୍କୁ ବିଭୋର କରିଥାଏ । ତେବେ ଆଧୁନିକତାର ପ୍ରଭାବରେ ପାଲାରେ ଆସିଛି ଅନେକ ପରିବର୍ତ୍ତନ । ତଥାପି ଏବେ ବି ଅନେକ କାଳାକାର ପାଲାର ମୌଳିକତାକୁ ବଜାୟ ରଖିବା ପାଇଁ ପ୍ରୟାସ ଜାରି ରଖିଛନ୍ତି । ଉତ୍କଳୀୟ ପାଲା ସଂସ୍କୃତିର ଉତ୍ପତ୍ତି, କ୍ରମବିକାଶ, ପାଲାର ନାମକରଣ,ପ୍ରକାରଭେଦ, ପାଲାରେ ଗାୟକ, ବାୟକଙ୍କ ଭୂମିକା ଆଦିକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା:

# ସମୃଦ୍ଧ ଲୋକକଳା ପାଲା

ପ୍ରସ୍ତୁତି 'ସକାଳ' ବ୍ୟୁରୋ



## କେମିତି କଟିବ ସପ୍ତାହ

**ମେଷ**
ରବି,ସୋମ,ମଙ୍ଗଳବାରରେ ମନରେ ସକାରାତ୍ମକ ଭାବନା ଆସିବ । ନିଜ କାର୍ଯ୍ୟକୁ ନିଷ୍ଠାର ସହ କରିବେ । ବୁଧ, ଗୁରୁବାରରେ କ୍ୟାରିୟର୍‌ରେ ସଫଳତା ପାଇ ପାରିବେ । ଶୁକ୍ର, ଶନିବାରରେ କୌଣସି ନୂତନ ନିବେଶ କରିବେ, ପରିବାରରେ ସୁଖସମୃଦ୍ଧି ଆସିବ ।

**ବୃଷ**
ରବି, ସୋମ, ମଙ୍ଗଳବାରରେ କର୍ମମୟ ଜୀବନରୁ ବିରତି ପାଇବାକୁ ଇଚ୍ଛା କରିବେ । ନୂତନ ଗୃହ କ୍ରୟ କରିପାରନ୍ତି । ବୁଧ, ଗୁରୁବାରରେ ଦାମ୍ପତ୍ୟ ଜୀବନ ସମସ୍ୟାବହୁଳ ରହିବ । ଶୁକ୍ର, ଶନିବାରରେ ଆର୍ଥିକ କାରବାରରେ ସର୍ତକତା ଅବଲମ୍ବନ କରନ୍ତୁ, ବ୍ୟବସାୟ ମନ୍ଥର ରହିବ ।

**ମିଥୁନ**
ରବି, ସୋମ, ମଙ୍ଗଳବାରରେ ପାରିବାରିକ ସମସ୍ୟାର ଛନ୍ଦି ହେବେ । ଭଲ ବ୍ୟବହାର ଫଳରେ ସମ୍ମାନର ଅଧିକାରୀ ହେବେ । ବୁଧ, ଗୁରୁବାରରେ ସହକର୍ମୀଙ୍କ ସହ ଉତ୍ତମ ସମ୍ପର୍କ ସ୍ଥାପନ ହେବ । ଶୁକ୍ର, ଶନିବାରରେ ପରିବାର ସହ ଯାତ୍ରାଯୋଗ ରହିଛି । ଆର୍ଥିକ ସ୍ଥିତି ଭଲ ରହିବ ।

**କର୍କଟ**
ରବି, ସୋମ,ମଙ୍ଗଳବାରରେ ଅଧୁରା ସ୍ୱପ୍ନ ପୂରଣ ହୋଇପାରେ । ସହକର୍ମୀଙ୍କ ସହ ଭାବିଚିନ୍ତି କଥା ହୁଅନ୍ତୁ । ବୁଧ, ଗୁରୁବାରରେ ପୁଞ୍ଜିନିବେଶ ପାଇଁ ସମୟ ଉତ୍ତମ ଅଟେ । ଶୁକ୍ର, ଶନିବାରରେ ଆର୍ଥିକ କ୍ଷେତ୍ରରେ ଶୁଭଫଳ ମିଳିବ, ପରିବାରରେ ଥିବା ସମସ୍ୟା ଦୂର ହେବ ।

**ସିଂହ**
ରବି, ସୋମ, ମଙ୍ଗଳବାରରେ ମାନସମ୍ମାନ ବୃଦ୍ଧିପାଇବ । ପ୍ରେମ ଓ ଦାମ୍ପତ୍ୟ ସମ୍ପର୍କରେ ବୁଝାମଣା ମଧ୍ୟମ ଧରଣର ରହିବ । ବୁଧ,ଗୁରୁବାରରେ କର୍ମକ୍ଷେତ୍ରରେ ସର୍ତକତା ସହ କାର୍ଯ୍ୟ କରନ୍ତୁ, ସନ୍ତାନମାନଙ୍କୁ ନେଇ ଚିନ୍ତାରେ ରହିବେ । ଶୁକ୍ର,ଶନିବାରରେ ନୂତନ ବସ୍ତୁ କ୍ରୟ କରିବେ ।

**କନ୍ୟା**
ରବି, ସୋମ, ମଙ୍ଗଳବାରରେ ନୂତନ ସମ୍ପର୍କ ସ୍ଥାପନ କରିପାରନ୍ତି । ଅନ୍ୟର ସମସ୍ୟାର ସମାଧାନ କରିପାରନ୍ତି । ବୁଧ,ଗୁରୁବାରରେ ଅତ୍ୟଧିକ ଖର୍ଚ୍ଚ କରି ଆର୍ଥିକ ସମସ୍ୟାରେ ପଡ଼ିଯାଇପାରନ୍ତି । ଶୁକ୍ର, ଶନିବାରରେ ବ୍ୟବସାୟରେ ଉତ୍ତମ ଫଳ ପାଇବେ । କ୍ୟାରିୟର୍‌ରେ ସଫଳତା ମିଳିବ ।

**ତୁଳା**
ରବି,ସୋମ, ମଙ୍ଗଳବାରରେ ପରିବାରରେ ଥିବା ଭୁଲ୍ ବୁଝାମଣା ଦୂର ହେବ । ନିଜ ଯୋଗ୍ୟତା ମୁତାବକ ସଫଳତା ପାଇବେ । ବୁଧ,ଗୁରୁବାରରେ ଯୁବକମାନେ ଲେଖାପଢ଼ାରେ ଅଧିକ ଧ୍ୟାନ ଦିଅନ୍ତୁ । ଶୁକ୍ର,ଶନିବାରରେ ଭବିଷ୍ୟତ ପାଇଁ ଯୋଜନା ତିଆରି କରିବେ । ଭ୍ରମଣଯୋଗ ରହିଛି ।

**ବିଛା**
ରବି, ସୋମ, ମଙ୍ଗଳବାରରେ କର୍ମକ୍ଷେତ୍ରରେ ସଫଳତା ପାଇବେ । ଦେହ ଅସୁସ୍ଥ ହୋଇପାରେ । ବୁଧ,ଗୁରୁବାରରେ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବେ । ଶୁକ୍ର, ଶନିବାରରେ ପଢ଼ାପଢ଼ିରେ ସଫଳତା ପାଇବେ । ଅର୍ଥର ଅଭାବ ହେବ ନାହିଁ ।

**ଧନୁ**
ରବି,ସୋମ,ମଙ୍ଗଳବାରରେ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ବନ୍ଧରେ ଯୋଜନା ପ୍ରସ୍ତୁତ କରିବେ । କର୍ମକ୍ଷେତ୍ରରେ ସମସ୍ୟା ଉପୁଜିପାରେ । ବୁଧ, ଗୁରୁବାରରେ ପ୍ରେମ ଓ ଦାମ୍ପତ୍ୟ ସମ୍ପର୍କ ମଧ୍ୟମ ଧରଣର ରହିବ । ଶୁକ୍ର,ଶନିବାରରେ କ୍ୟାରିୟର୍ ପ୍ରତି ଧ୍ୟାନ ଦିଅନ୍ତୁ, ଖର୍ଚ୍ଚ ଅଧିକ ହୋଇପାରେ ।

**ମକର**
ରବି, ସୋମ,ମଙ୍ଗଳବାର ଶିକ୍ଷାର୍ଥୀମାନଙ୍କ ପାଇଁ ଭଲ ରହିବ । ସୁସ୍ଥ ରହିବା ପାଇଁ ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତୁ । ବୁଧ, ଗୁରୁବାରରେ କର୍ମକ୍ଷେତ୍ରରେ ସଫଳତା ପାଇପାରନ୍ତି । ଶୁକ୍ର, ଶନିବାରରେ ଆର୍ଥିକ ସ୍ଥିତି ମଜଭୁତ୍ ରହିବ, ବ୍ୟବସାୟରେ ଉତ୍ତମ ଫଳ ପାଇବେ ।

**କୁମ୍ଭ**
ରବି, ସୋମ, ମଙ୍ଗଳବାରରେ ହସଖୁସିରେ ରହିବେ । କଠିନ କାର୍ଯ୍ୟକୁ ମଧ୍ୟ ସହଜରେ କରିନେବେ । ବୁଧ, ଗୁରୁବାରରେ ଜମିବାଡ଼ି କିଣାବିକା ସମୟରେ ସର୍ତକତା ଅବଲମ୍ବନ କରନ୍ତୁ । ଶୁକ୍ର, ଶନିବାରରେ ସୁସ୍ଥ ରହିବା ପାଇଁ ଘରୋଇ ଉପଚାର କରନ୍ତୁ । ଆର୍ଥିକ ସ୍ଥିତିରେ ଉନ୍ନତି ଦେଖାଦେବ ।

**ମୀନ**
ରବି, ସୋମ, ମଙ୍ଗଳବାରରେ ଧାର୍ମିକ ବ୍ୟକ୍ତିଙ୍କ ସହ ସାକ୍ଷାତ ହୋଇପାରେ । ସମୟର ସଦୁପଯୋଗ କରନ୍ତୁ । ବୁଧ, ଗୁରୁବାରରେ ନିଜ ବିଚାରକୁ ଗୁରୁତ୍ୱ ଦିଅନ୍ତୁ । ଗୁରୁଜନଙ୍କ ସଙ୍ଗେ ମନାନ୍ତର ହୋଇପାରେ । ଶୁକ୍ର, ଶନିବାରରେ ଅର୍ଥପ୍ରାପ୍ତି ଯୋଗ ରହିଛି । ଭ୍ରମଣଯୋଗ ରହିଛି । ବ୍ୟବସାୟ ଲାଭଜନକ ରହିବ ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com



ବ୍ରହ୍ମାନନ୍ଦ ବିଶ୍ୱାଳ



# ଉତ୍କଳୀୟ ପାଲା ସଂସ୍କୃତି

ଉତ୍କଳୀୟ କଳା, ସାହିତ୍ୟ ଓ ସଂସ୍କୃତିର ବାହକଗୁଡ଼ିକ ମଧ୍ୟରେ ପାଲା ଅନ୍ୟତମ । ଏହାକୁ ଧାର୍ମିକ, ସାହିତ୍ୟିକ ଓ ବିବିଧ କଳା ମିଶ୍ରିତ ଏକ ରଙ୍ଗଭୂମି କୁହାଯାଇପାରେ । ଏହା ସଂଳାପ, ସଙ୍ଗୀତ, ନୃତ୍ୟ ଓ ଅଭିନୟର ଏକ ସୁସମନ୍ୱିତ ପରିବେଷଣ ମାଧ୍ୟମ । ଏଥିରେ ମୁଖ୍ୟତଃ ପୌରାଣିକ ଯଥା- ରାମାୟଣ, ମହାଭାରତ ଆଦି ବିଷୟବସ୍ତୁ ଉପସ୍ଥାପନ କରାଯାଏ । ବେଦ, ଉପନିଷଦ, ଗୀତା, ଭାଗବତ ଆଦି ବିଭିନ୍ନ ଧର୍ମଶାସ୍ତ୍ର ମଧ୍ୟ ଆଲୋଚିତ ହୁଏ । ନୀତିବାଣୀ, ତର୍କଶାସ୍ତ୍ର, ନ୍ୟାୟଶାସ୍ତ୍ର, ସାମାଜିକ ପରମ୍ପରା ଆଦି ବି ସ୍ଥାନ ପାଏ । ପାଲାରେ କଥନ, ଗାୟନ, ବାଦନ, ନୃତ୍ୟ ଓ ଅଭିନୟ ମାଧ୍ୟମରେ ପ୍ରାଚୀନ ସାହିତ୍ୟର ଆଲୋଚନା-ପର୍ଯ୍ୟାଲୋଚନା ଚାଲେ । ଉତ୍କଳୀୟ ପାଲା ସଂସ୍କୃତିର ଉତ୍ପତ୍ତି, କ୍ରମବିକାଶ, ପାଲାର ନାମକରଣ, ପାଲାରେ ଗାୟକଙ୍କ ଭୂମିକା, ବେଶପୋଷକ ଆଦିକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।

## ଉତ୍ପତ୍ତି ଓ କ୍ରମବିକାଶ

ପାଲାର ଉତ୍ପତ୍ତି ବହୁ ପ୍ରାଚୀନ କାଳରୁ। ସେତେବେଳେ ସଂସ୍କୃତ ଭାଷାର ବିଭିନ୍ନ ପୁରାଣଶାସ୍ତ୍ରରୁ ଗୋଟିଏ ଲେଖାଏଁ ବିଷୟ ଚୟନ କରି ତାହାର ଗାୟନ ତଥା ଶ୍ଳୋକମାନ ଆବୃତ୍ତି ସହିତ ପ୍ରାଚୀନ ଓଡ଼ିଆ କବିମାନଙ୍କର ସମତୁଲ୍ୟ ପଦଗୁଡ଼ିକର ତୁଳନାତ୍ମକ ଉପସ୍ଥାପନ କରାଯାଉଥିଲା। ଏଥିସହିତ ଏହାର ଭାବକୁ ପ୍ରାଞ୍ଜଳ ଭାବେ ଓଡ଼ିଆରେ ବ୍ୟାଖ୍ୟା କରି ବୁଝାଇ ଦିଆଯାଉଥିଲା । ଏହିପରି ବହୁକାଳ ବିତିବା ପରେ କାଳକ୍ରମେ ପାଲାରେ ସଂସ୍କୃତ ଭାଷା ପରିବର୍ତ୍ତେ ଓଡ଼ିଆ ଭାଷା ପ୍ରାଧାନ୍ୟ ଲାଭ କରିଛି । ପାଲା ଯେହେତୁ ଗଣଶିକ୍ଷାର ଏକ ପ୍ରକୃଷ୍ଟ ମାଧ୍ୟମ, ପାଲାଗାୟକମାନେ ଗଣଶିକ୍ଷକ ଭାବେ ବନ୍ଦନୀୟ। ଆମ ଓଡ଼ିଆ ଭାଷା-ସାହିତ୍ୟର ସୁରକ୍ଷା ଓ ବିକାଶ ତଥା ପ୍ରଚାର-ପ୍ରସାର ଦିଗରେ ମଧ୍ୟ ଏମାନଙ୍କ ଅବଦାନ ଉଲ୍ଲେଖନୀୟ। ବାସ୍ତବରେ ପାଲା ଯୋଗୁଁ ହିଁ ଓଡ଼ିଆ ଭାଷା-ସାହିତ୍ୟ ଯଥେଷ୍ଟ ସୁରକ୍ଷିତ ଓ ବିକଶିତ ହୋଇପାରିଛି। ଗୋଟିଏ ମଞ୍ଚରେ ଅନେକ କବିଙ୍କ ପଦାବଳୀ ଶୁଣି ଲୋକମାନେ ନିଜ ନିଜ ଜ୍ଞାନର ପରିସର ବୃଦ୍ଧି କରିପାରୁଛନ୍ତି। ପାଲା ଯୋଗୁଁ ଓଡ଼ିଆ ସାହିତ୍ୟର ପ୍ରଖ୍ୟାତ କବିମାନଙ୍କ କାବ୍ୟକୃତିମାନ କେବଳ ପଣ୍ଡିତ ମହଲରେ ନୁହେଁ, ସାଧାରଣ ଲୋକଙ୍କ ଦ୍ୱାରା ବି ବିଶେଷଭାବେ ଚର୍ଚ୍ଚିତ ହୋଇଆସୁଛି ।

ଦିନ ଥିଲା, ଯେତେବେଳେ ସଭ୍ୟତାର ସେତେଟା ବିକାଶ ଘଟିନଥିଲା; ଯେତେବେଳେ ରେଡିଓ, ଟିଭି ଆଦି ଭଳି ଆକର୍ଷଣୀୟ ପ୍ରଚାର-ମାଧ୍ୟମ ନଥିଲା; ସେତେବେଳେ ପାଲା ଦେଖିବା-ଶୁଣିବା ଦ୍ୱାରା ହିଁ ଲୋକେ ନାନାବିଧ ଜ୍ଞାନ ହାସଲ ସହିତ ଆମୋଦିତ ହେଉଥିଲେ ।

ପାଲା ଓଡ଼ିଶାର ଏକାନ୍ତ ନିଜସ୍ୱ କଳା। ପାଲା ହେଉଛି ନାଟକର ଆଦ୍ୟ ରୂପ। ପାଲାରେ ସବୁବେଳେ ସାଙ୍ଗୀତିକତା ଭରିରହି ଆସିଛି। ବିଷୟବସ୍ତୁର ନାଟକୀୟ ପରିବେଷଣ ଦ୍ୱାରା ଏହା ଦୃଶ୍ୟକାବ୍ୟର ଏକ ଅନନ୍ୟ ଶୈଳୀ ପ୍ରଦର୍ଶନ କରେ। କାଳକ୍ରମେ ପାଲାରେ କିଛିଟା ପରିବର୍ତ୍ତନ ଘଟିଥିଲେ ବି ଏହାର ଉଦ୍ଦେଶ୍ୟ ତଥା ଆଭିମୁଖ୍ୟ ଅତୁଟ ରହିଆସିଛି। ଉଦ୍ଭବର ଆଦ୍ୟକାଳରେ ପାଲା ସାଧାରଣତଃ ଦରବାରରେ ପରିବେଷିତ ହେଉଥିଲା। ସେତେବେଳେ ଏହା କେବଳ ବିଜ୍ଞଜନଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ହେଉଥିବାରୁ କେବଳ ବିଦଗ୍ଧ-ସାହିତ୍ୟ ଚର୍ଚ୍ଚା ହେଉଥିଲା। ପରବର୍ତ୍ତୀ ସମୟରେ ଏହା ଦରବାରରୁ ସର୍ବସାଧାରଣଙ୍କ ପରିସରକୁ ଆସିଲା। ସେତେବେଳେ ଅଜ୍ଞ-ବିଜ୍ଞ ନିର୍ବିଶେଷରେ ସମସ୍ତଙ୍କ ବୋଧଗମ୍ୟ ହେବା ପାଇଁ ପାଲାରେ ବିଦଗ୍ଧ-ସାହିତ୍ୟ ସହିତ ଲୋକସାହିତ୍ୟର ମଧ୍ୟ ପ୍ରଚାର କରାଗଲା। ଫଳରେ ପାଲା ବିଦଗ୍ଧ-ସାହିତ୍ୟ ଓ ଲୋକସାହିତ୍ୟର ଏକ ମିଶ୍ରିତ କଳା ରୂପେ ପଣ୍ଡିତବର୍ଗ ତଥା ଉଚ୍ଚଶିକ୍ଷିତଙ୍କଠାରୁ ଆରମ୍ଭ କରି ସାଧାରଣ ଜନତାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଉପଭୋଗ୍ୟ ହୋଇପାରିଲା । ତେବେ ଆଜି ପର୍ଯ୍ୟନ୍ତ ଏଥିରେ ଲୋକସାହିତ୍ୟ ଅପେକ୍ଷା ବିଦଗ୍ଧ-ସାହିତ୍ୟକୁ ଅଧିକ ଗୁରୁତ୍ୱ ଦିଆଯାଇ ଆସୁଛି ।







## ପାଲାର ଆୟୋଜକ

ପାଲା ମଞ୍ଚସ୍ଥ ହୁଏ ଆୟୋଜକ, ପରିବେଷଣକାରୀ ଓ ଶ୍ରୋତା ତଥା ଦର୍ଶକଙ୍କୁ ନେଇ। ଏହା କୌଣସି ବ୍ୟକ୍ତିବିଶେଷ, ପରିବାର, ଗ୍ରାମବାସୀ, ସହରବାସୀ କିମ୍ବା ଅନୁଷ୍ଠାନ ପକ୍ଷରୁ ଆୟୋଜିତ ହୋଇଥାଏ। ଅନେକଙ୍କ ଦ୍ୱାରା ସନ୍ତାନର ଷୋଳବର୍ଷ ପୂରିବା ପର୍ଯ୍ୟନ୍ତ ପ୍ରଥମେ ଏକୋଇଶିଆ ଓ ତା'ପରେ ପ୍ରତିବର୍ଷର ଜନ୍ମଦିନ ଉପଲକ୍ଷେ ପାଲା ହୁଏ। ବିବାହ, ବ୍ରତୋପନୟନ ଓ ବୋହୂ ପୁଆଣି ହୋଇ ଆସିବା ଦିନ ବା କୌଣସି ଶୁଭଦିନ ଖୁସି ମନାଇବା ପାଇଁ ଅନେକ ବ୍ୟକ୍ତି ପାଲାର ବ୍ୟବସ୍ଥା କରିଥାଆନ୍ତି। କେତେକ ଲୋକ ମାନସିକ ରଖି ପାଲା କରାଇଥା'ନ୍ତି। କୌଣସି ପର୍ବପର୍ବାଣି, ଓଷାବ୍ରତ, ଯାନିଯାତ୍ରା ଓ ମେଳା-ମହୋତ୍ସବ ଅବସରରେ ସାମୂହିକ ଉଦ୍ୟମରେ ପାଲା ଅନୁଷ୍ଠିତ ହୁଏ। ସରକାର ମଧ୍ୟ କୌଣସି ଯୋଜନା ସମ୍ବନ୍ଧରେ ଜନଗଣଙ୍କୁ ଅବଗତ ଓ ଅନୁପ୍ରାଣିତ କରିବା ପାଇଁ ପାଲାର ବ୍ୟବସ୍ଥା କରାନ୍ତି। ଲୋକମାନେ ପ୍ରତ୍ୟକ୍ଷରେ ଉପଭୋଗ କରିପାରିବା ଭଳି କୌଣସି ଏକ ଖୋଲା ସ୍ଥାନରେ ମଞ୍ଚ ପ୍ରସ୍ତୁତ କରି ଅଥବା ଏକ ମଣ୍ଡପରେ କିମ୍ବା ପ୍ରେକ୍ଷାଳୟରେ ଆନୁଷଙ୍ଗିକ ବ୍ୟବସ୍ଥା କରି ପାଲା ପରିବେଷଣ କରାଯାଏ। ଏହା ସାଧାରଣତଃ ରାତିରେ ଅନୁଷ୍ଠିତ ହୁଏ। ଗୋଟିଏ ମଞ୍ଚରେ ଗୋଟିଏ ରାତି କିମ୍ବା ଅନେକ ରାତି ଧରି ଏହି କାର୍ଯ୍ୟକ୍ରମ ଚାଲେ। ଓଡ଼ିଶାରେ ଦୁଇ ପ୍ରକାର ପାଲା ପ୍ରଚଳିତ। ଗୋଟିଏ ବୈଠକୀ ପାଲା ଓ ଅନ୍ୟଟି ଠିଆପାଲା। ବୈଠକୀ ପାଲା ଶ୍ରାବ୍ୟକାବ୍ୟ ଓ ଠିଆପାଲା ଦୃଶ୍ୟକାବ୍ୟ। ଦୁଇଟି ପାଲାଦଳକୁ ନେଇ ହେଉଥିବା ପାଲାକୁ ବାଦୀପାଲା ବା ଲଢ଼େଇ ପାଲା କୁହାଯାଏ। ଏପ୍ରକାର ପାଲାରେ ଗୋଟିଏ ପାଲା ଦଳ ତା'ର ପ୍ରତିପକ୍ଷ ପାଲା ଦଳ ସହିତ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୁଅନ୍ତି। ଏହା ଶ୍ରୋତା ବା ଦର୍ଶକମାନଙ୍କ ପାଇଁ ଅଧିକ ଆମୋଦଦାୟକ ହୋଇଥାଏ। ପୂର୍ବେ କେବଳ ପୁରୁଷମାନେ ପାଲା ପରିବେଷଣ କରୁଥିଲେ। ସମ୍ପ୍ରତି ନାରୀମାନେ ମଧ୍ୟ ଏହି କର୍ମରେ ବ୍ରତୀ ଅଛନ୍ତି।

## ପରିବେଷକ

ପାଲା ପରିବେଷଣ ପାଇଁ ପ୍ରତ୍ୟେକ ପାଲାଗାୟକ ତାଙ୍କର ସହଯୋଗୀ କଳାକାର ବା ସାଥୀବୃନ୍ଦଙ୍କୁ ନେଇ ଦଳଟିଏ ଗଢ଼ିଥା'ନ୍ତି। ସେହି ଦଳରେ ସେ ମୁଖ୍ୟ ଭୂମିକା ନିର୍ବାହ କରନ୍ତି। ତାଙ୍କୁ ମିଶାଇ ପାଞ୍ଚ କିମ୍ବା ଛଅ ଜଣ କଳାକାର ଥାଆନ୍ତି - ଜଣେ ପାଲାଗାୟକ, ଜଣେ ଶ୍ରୀପାଳିଆ, ଜଣେ ମୃଦଙ୍ଗ ବାଦକ ଓ ଦୁଇ କିମ୍ବା ତିନିଜଣ ପାଳିଆ।

## ବେଶ-ପୋଷାକ

ପାଲାର କଳାକାରମାନେ ପ୍ରାଚୀନ ରାଜକୀୟ ବେଶ-ପୋଷାକରେ ସଜ୍ଜିତ ହୁଅନ୍ତି। ଭିତରେ ପାଇକଛା ମାରି, ରଙ୍ଗିନ ଶାଢ଼ି କିମ୍ବା ଧୋତି ଅଥବା ଏହା ପରିବର୍ତ୍ତେ ସିଲେଇକରା ଚପକନ (ସମ୍ପ୍ରତି ଚୁଡ଼ିଦାର-ପାଇଜାମା), ତା' ଉପରେ ଅତି କୁଞ୍ଚିତ ଚମତ୍କାର ଘାଘରା, ବକ୍ଷଦେଶରେ ସୁସଜ୍ଜିତ ତନୁତ୍ରାଣ କବଚ, କର୍ଣ୍ଣରେ ମକର କୁଣ୍ଡଳ, ଶିରରେ ଜରିଦିଆ ପଗଡ଼ି ସହ ବଡ଼ବଡ଼ ପର ଓ ମଣି, ବେକରେ ହାର, କଟିଦେଶରେ ଭିଡ଼ା କମରପଟି ସହ ଅଣ୍ଟାସୂତା, ହାତରେ ଖଡ୍ଗ, ବଟଫଳ, ଚକ୍ଷୁରେ କଜ୍ଜଳ, ଲଲାଟରେ ଚନ୍ଦନ ଓ ସିନ୍ଦୂର ଟିକା, ପାଦରେ ଘୁଙ୍ଗୁର, କାନ୍ଧରେ ଉତ୍ତରୀୟ ଇତ୍ୟାଦି ଥାଏ। ଗାୟକଙ୍କ ପରିପାଟୀ ଅନ୍ୟମାନଙ୍କ ତୁଳନାରେ ଉନ୍ନତ।

## ନାମକରଣ





ପାଲାର ନାମକରଣ ନେଇ ଭିନ୍ନ ଭିନ୍ନ ମତ ରହିଛି। କେତେକଙ୍କ ମତରେ ସଂସ୍କୃତ 'ପାଲ୍ୟତେ' ଶବ୍ଦ ଅପଭ୍ରଂଶ ହୋଇ 'ପାଲା' ଶବ୍ଦ ଉତ୍ପନ୍ନ ହୋଇଛି। ଆଉ କେତେକ ମତ ଦିଅନ୍ତି ଯେ ବଙ୍ଗଳା 'ପାଞ୍ଚାଳୀ' ଶବ୍ଦରୁ 'ପାଲା' ଶବ୍ଦର ଉତ୍ପତ୍ତି। ପୁଣି ମଧ୍ୟ କେତେକ ଯୁକ୍ତି କରନ୍ତି ଯେ ସଂସ୍କୃତ 'ପର୍ଯ୍ୟାୟ' ଶବ୍ଦରୁ 'ପାଲା' ଶବ୍ଦ ଆସିଛି। ଅନେକଙ୍କ ମତରେ ହିନ୍ଦୁମାନେ ଭୋଗ 'ପା' ବୋଲି କହୁଥିବା ବେଳେ ମୁସଲମାନମାନେ ପ୍ରସାଦ 'ଲା' ବୋଲି କହୁଥିଲେ। ଅତଏବ ଏହି 'ପା' ଓ 'ଲା' ମିଶି 'ପାଲା' ଶବ୍ଦ ସୃଷ୍ଟି ହୋଇଛି। ପୁନଶ୍ଚ, ଅନେକ ଗବେଷକ ମତପ୍ରଦାନ କରନ୍ତି ଯେ, ପାଲା ଉଦ୍ଦେଶ୍ୟରେ ଯେଉଁ ଆସ୍ଥାନ କରାଯାଏ, ସେଠାରେ ଏକତ୍ର ପଞ୍ଚଦେବତାଙ୍କ ପୂଜା କରାଯାଉଥିବାରୁ ଏହି ଅନୁଷ୍ଠାନକୁ ପ୍ରଥମେ 'ପାଞ୍ଚାଳୀ' କୁହାଯାଉଥିଲା। ପରେ 'ପାଞ୍ଚାଳୀ' ଶବ୍ଦଟି 'ପାଲା' ଶବ୍ଦରେ ପରିଣତ ହୋଇଛି। ଆଉ କିଛି ଗବେଷକ ମତବ୍ୟକ୍ତ କରନ୍ତି ଯେ ପ୍ରାଚୀନ କଳିଙ୍ଗର ଭାଷା ଥିଲା 'ପାଲି'। ଏହି ଶବ୍ଦର ଅର୍ଥ ହେଉଛି 'ପ୍ରଶଂସା'। ସେହି କାରଣରୁ ଈଶ୍ୱରଙ୍କର ଅଥବା ମହାମନୀଷୀଙ୍କର କୃତି ଓ କୀର୍ତ୍ତିର ପ୍ରଶଂସା ଗାନ କରୁଥିବା ଏପ୍ରକାର କାର୍ଯ୍ୟକ୍ରମକୁ 'ପାଲା' କୁହାଯାଉଛି। ତେବେ ଏହି ମତଗୁଡ଼ିକ କେବଳ ଅନୁମାନ ଉପରେ ପର୍ଯ୍ୟବସିତ। ବାସ୍ତବରେ 'ପାଲା' ଶବ୍ଦର ବ୍ୟୁତ୍ପତ୍ତି କୌଣସି ଶବ୍ଦକୋଷରେ ନାହିଁ। କାରଣ ଏହା ଲୋକାଚାରରେ ଏକ ରୂଢ଼ିଶବ୍ଦରେ ପରିଣତ ହୋଇଛି। ଏହି ଶବ୍ଦଟି ଯେମିତି ବି ସୃଷ୍ଟି ହୋଇଥାଉ ନା କାହିଁକି, ସାଧାରଣ ଜନଗଣ ଏହାର ଅର୍ଥ ବେଶ୍ ସହଜରେ ବୁଝିପାରନ୍ତି।





## ଗାୟକଙ୍କ ଭୂମିକା

ପାଲାରେ ଗାୟକଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ତାଙ୍କ ହସ୍ତରେ ଥାଏ ଏକ ଚାମର ଓ ହଳେ ଛୋଟ ଗିନି। ପାଲାରେ ଚାମର ହିଁ ସବୁଠାରୁ ପ୍ରଧାନ ଉପକରଣ। ଏହାକୁ ପାଲାର ପ୍ରତୀକ କୁହାଯାଇପାରେ। ପାଲାଗାୟନ ବେଳେ କଥାବସ୍ତୁର ଅବତାରଣା ସହିତ ସାହିତ୍ୟଚର୍ଚ୍ଚାକୁ ଅଧିକ ରସାଣିତ କରିବା ପାଇଁ କାବ୍ୟରେ ନିହିତ ଥିବା ବିବିଧ ପ୍ରକାର ଅଳଙ୍କାରର ଆଶ୍ରୟ ନିଆଯାଏ। ଗାୟକମାନେ ଏହାକୁ ସ୍ୱକୀୟ ସ୍ୱର ଓ ଶୈଳୀରେ ଅଙ୍ଗଭଙ୍ଗୀ ପ୍ରଦର୍ଶନ-ପୂର୍ବକ ପରିବେଷଣ କରନ୍ତି। ଏଥିସହିତ ଚମ୍ପୂ, ଛାନ୍ଦ, ଚଉପଦୀ, ଚଉତିଶା, କୋଇଲି ଆଦି ବି ଗାନ କରନ୍ତି। ଗାଇବା ବେଳେ ବିଭିନ୍ନ ଛନ୍ଦ ବା ବୃତ୍ତ, ରାଗ ପ୍ରଭୃତିକୁ ଅବଲମ୍ବନ କରନ୍ତି। ପାଲାରେ ଆବଶ୍ୟକସ୍ଥଳେ ନବରସ ମଧ୍ୟରୁ ପ୍ରୟୋଗଯୋଗ୍ୟ ରସକୁ ପଦ ମାଧ୍ୟମରେ ପରିବେଷଣ କରାଯାଏ। ସେହି ରସଗୁଡ଼ିକ ହେଉଛି - (୧) ଶୃଙ୍ଗାର, (୨) ହାସ୍ୟ, (୩) କରୁଣ, (୪) ବୀର, (୫) ବୀଭତ୍ସ, (୬) ରୌଦ୍ର, (୭) ଭୟାନକ, (୮) ଅଦ୍ଭୁତ, (୯) ଶାନ୍ତ। ପରବର୍ତ୍ତୀ ସମୟରେ ଏଥିରେ 'ବାତ୍ସଲ୍ୟ' ରସକୁ ସଂଯୋଗ କରାଯାଇଛି। ତେବେ ଏସବୁକୁ ନେଇ ପାଲା ପରିବେଷଣରେ ଉତ୍ତରୋତ୍ତର ଉନ୍ନତି ନିମିତ୍ତ ପ୍ରତିଭା ତଥା ଦକ୍ଷତା ଓ ସାଧନା ଥିବା ଆବଶ୍ୟକ। ଏକାଧାରରେ ବିବିଧ ବିଷୟକ ଜ୍ଞାନ, ବୁଦ୍ଧିମତ୍ତା, ବିଚକ୍ଷଣତା, ପ୍ରତ୍ୟୁତ୍ପନ୍ନମତିତା, କଥନ-କଳା, ଗାୟନ-କଳା ଓ ଅଭିନୟ-କଳା ଥିବା ବ୍ୟକ୍ତିମାନେ ନିଜ ନିଜର ସାମର୍ଥ୍ୟ ଓ ସାଧନା ଅନୁସାରେ ସଫଳତା ଲାଭ କରନ୍ତି। ପାଲାଗାୟକମାନେ ହିଁ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ, ପରମ୍ପରା ଆଦିର ଗୌରବଗାଥା ବଖାଣି ଆସିଛନ୍ତି। ଫଳରେ ପାଲା ସଂସ୍କୃତିର ଆକାଶରେ ଓଡ଼ିଆ ସାହିତ୍ୟର ଗୌରବ-ବାନା ଉଡ଼ିଚାଲିଛି।

## ପାଲାରେ ପାଳିଆ

ପାଲାଗାୟକ ଯଦିଓ ତାଙ୍କ ପାଲାଦଳର ମୁଖ୍ୟ, ତାଙ୍କ ସାଥୀମାନଙ୍କ ମଧ୍ୟରେ ଶ୍ରୀପାଳିଆ ହେଉଛନ୍ତି ମୁଖ୍ୟ। ତାଙ୍କୁ ଶିରିପାଳିଆ ବା ଡାହାଣ ପାଳିଆ ମଧ୍ୟ କୁହାଯାଏ। ସେ କରତାଳ ବା ଝାଞ୍ଜ ବଜାଇବା ସହିତ ଗାୟକଙ୍କ ମୁଖ୍ୟ ସହଯୋଗୀ ଭାବେ କାର୍ଯ୍ୟ କରନ୍ତି। ମୃଦଙ୍ଗ ବାଦକ ତଥା ବାୟକ ଭାଣ୍ଡବାଦ୍ୟ ଓଡ଼ିଶୀ ମୃଦଙ୍ଗ ଧାରଣ କରିଥା'ନ୍ତି। ସେ ବାଦ୍ୟ ବଜାଇବା ସହିତ ପାଳି ଧରି ଗାଆନ୍ତି ଓ 'ବିଦୂଷକ' ତଥା ହାସ୍ୟରସ ପରିବେଷକର ଭୂମିକା ନିଅନ୍ତି। ଏଥିସହିତ ସେ ମଧ୍ୟ ସ୍ୱତନ୍ତ୍ର ଭାବେ ଗୀତ ବୋଲନ୍ତି ଓ ମଜାମଜା କଥା ଶୁଣାନ୍ତି। ପାଳିଆମାନେ ମଧ୍ୟ ଗୀତ, ଗପ ଓ ହାସ୍ୟ ପରିବେଷଣ କରନ୍ତି। ଏଥିସହିତ ଏମାନେ ନୃତ୍ୟ ଓ ଅଭିନୟ ପ୍ରଦର୍ଶନ କରନ୍ତି। ତେବେ ଏମାନଙ୍କର ମୁଖ୍ୟ କାର୍ଯ୍ୟ ହେଉଛି କରତାଳ ବା ଝାଞ୍ଜ ବଜାଇବା ଓ ଗାୟକଙ୍କ ସହିତ ପାଳି ଧରି ବୋଲିବା। ଏମାନେ ବେଳେବେଳେ ଦାସକାଠି, ଏକଫାଳି, ରାମତାଳି, ଖଞ୍ଜଣି ଓ ଶଙ୍ଖ ମଧ୍ୟ ବ୍ୟବହାର କରନ୍ତି। ରୀତି ଅନୁସାରେ ପାଲାମଞ୍ଚରେ ପ୍ରଥମେ ଗାୟକଙ୍କ ବ୍ୟତୀତ ଅନ୍ୟ କଳାକାରମାନେ ଉପସ୍ଥିତ ହୁଅନ୍ତି। ଶ୍ରୀପାଳିଆଙ୍କ ଦ୍ୱାରା ମଙ୍ଗଳାଚରଣ ଗାନ କରାଯାଏ। ତା'ପରେ ବାୟକ ମୃଦଙ୍ଗର ବିଭିନ୍ନ ତାଳ ବାଦନ କରନ୍ତି। ପରେ ପରେ ସମସ୍ତେ ମଞ୍ଚ ଭିତରେ ବୁଲିବୁଲି ଗାୟନ-ବାଦନ ଆଦିରେ ପାଲା ପରିସରକୁ ସରଗରମ କରନ୍ତି। ଏହାପରେ ପାଲାଗାୟକ ଆସି ତାଙ୍କ ଭୂମିକା ଆରମ୍ଭ କରନ୍ତି।

## ପାଲାର ଉପାଦେୟତା

ପାଲାର ଲକ୍ଷ୍ୟ ହେଉଛି ମନୋରଞ୍ଜନ ମାଧ୍ୟମରେ ଲୋକମାନଙ୍କ ମନରେ ବିଭୁପ୍ରୀତି ଜାଗ୍ରତ କରିବା ସଙ୍ଗେ ସଙ୍ଗେ ନୀତି-ନୈତିକତାର ଶିକ୍ଷା ପ୍ରଦାନ କରିବା। ବାସ୍ତବରେ କୁହାଯାଏ - "ଯାହା ମଣିଷର ଚେତନାକୁ ବିସ୍ତାରିତ କରେ, ତାହା ହିଁ ପ୍ରକୃତ ଶିକ୍ଷା।" ଏପରି ଏକ ମହତ୍ତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବାରେ ପାଲାର ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ। ବହୁ ପୁରାତନ କାଳରୁ ଏହା ଗୁଣାତ୍ମକ ଗଣଶିକ୍ଷା ପ୍ରଦାନର ମୂଳାଧାର ରୂପେ ତା'ର ଗରିମା ବଜାୟ ରଖିଆସିଛି। ମନୋରଞ୍ଜନ ଓ ଲୋକଶିକ୍ଷାର ଏକ ବଳିଷ୍ଠ ବିଭବ ରୂପେ ଓଡ଼ିଆ ଜନମାନସକୁ ଏହା ଶତାବ୍ଦୀ ଶତାବ୍ଦୀ ଧରି ଆକର୍ଷିତ ଓ ପ୍ରଭାବିତ କରିଆସିଛି। କାରଣ ଏହା ଯେତିକି ଚିତ୍ତବିନୋଦନକାରୀ, ସେତିକି ମଧ୍ୟ ଶିକ୍ଷଣୀୟ। ଏହାଦ୍ୱାରା ଲୋକେ ମୂଲ୍ୟବୋଧପୂର୍ଣ୍ଣ ଜୀବନ ଯାପନ ପାଇଁ ଯଥେଷ୍ଟ ଉଦ୍‌ବୁଦ୍ଧ ତଥା ଅନୁପ୍ରାଣିତ ହୋଇଆସୁଛନ୍ତି। ଏହାଦ୍ୱାରା ମଣିଷ ଜ୍ଞାନାର୍ଜନ କରିବା ସହିତ ତା'ର ବୁଦ୍ଧି ଓ ବିବେକ ତଥା ଚିନ୍ତା ଓ ଚେତନା ଜାଗ୍ରତ ଓ ପରିବ୍ୟାପ୍ତ ହେଉଛି। ଫଳରେ ସେ ଆଧ୍ୟାତ୍ମିକ ଭାବନାରେ ଦ୍ରବୀଭୂତ ହୋଇ ଈଶ୍ୱରାଭିମୁଖୀ ହେଉଛି। ଧର୍ମ ଓ ଅଧର୍ମ, କର୍ମ ଓ ଅକର୍ମ - ଏସବୁ ବିଷୟରେ ତା'ର ସଚେତନତା ବଢ଼ୁଛି। ଏଥିଯୋଗୁଁ ସେ ଏକ ପରିମାର୍ଜିତ, ପରିଶୋଭିତ ଓ ଉନ୍ନତ ଜୀବନ ବଞ୍ଚିବାକୁ ସମର୍ଥ ହୋଇପାରୁଛି। ପାଲା ମଣିଷକୁ ମଣିଷ ପରି ବଞ୍ଚିବାର କଳା ଶିଖାଉଛି। ଏହା ବ୍ୟକ୍ତି ଓ ସମାଜକୁ ଉଚିତ ମାର୍ଗରେ ପରିଚାଳିତ କରିବାରେ ନିର୍ବାହ କରୁଛି ଏକ ପ୍ରଭାବଶାଳୀ ଭୂମିକା। ସହାୟକ ହେଉଛି ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ ତଥା ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତଙ୍କୁ ସକଳ ପ୍ରକାର ସଂକୀର୍ଣ୍ଣତାରୁ ମୁକୁଳିବାରେ। ସାହାଯ୍ୟ କରୁଛି ପରସ୍ପର ମଧ୍ୟରେ ସମନ୍ୱୟ ଆଣି ଏକତା, ସଂହତି, ସଦ୍‌ଭାବ ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଦିଗରେ। ■







ବଳରାମପୁର, ପଞ୍ଚପଲ୍ଲୀ, ଜି : ଜଗତସିଂହପୁର-୭୫୪୧୧୦
ମୋ: ୯୧୭୮୭୯୧୬୪୫



ଗାୟକ ଆହ୍ଲାଦ
ସୁରେନ୍ଦ୍ର ନାଥ ଛୋଟରାୟ


# ପାଲାରେ ଅଭିନୟ

ସୃଷ୍ଟି ରଙ୍ଗମଞ୍ଚରେ ଆମେ ସମସ୍ତେ ଜଣେ ଜଣେ ଅଭିନେତା। ପ୍ରତି ମୁହୂର୍ତ୍ତରେ ଇତର ପ୍ରାଣୀଠାରୁ ଶ୍ରେଷ୍ଠ ପ୍ରାଣୀ ମନୁଷ୍ୟ ପର୍ଯ୍ୟନ୍ତ- ପ୍ରତି ସ୍ତରରେ ଅଭିନୟ କରି ଚାଲିଛନ୍ତି। ଏହି ଅଭିନୟ ଶବ୍ଦଟିକୁ ଜାଣିବାକୁ ହେଲେ ଏହାର ବ୍ୟୁତ୍ପତ୍ତି ସଂପର୍କରେ କିଛି ଧାରଣା ରହିବା ଆବଶ୍ୟକ। ଅଭିନୟ- 'ଅଭି' ଉପସର୍ଗ 'ନୀ' ଧାତୁରୁ 'ଅଚ୍' ବା 'ଅ' ପ୍ରତ୍ୟୟ। ଅର୍ଥାତ୍ 'ଅଭି' ଅର୍ଥ 'ନିକଟ'। ଯେଉଁ କଥା ଆମେ କହୁଛୁ ତା' ସପକ୍ଷରେ ଯାହା ଆସେ। ସେହି ଅର୍ଥରେ 'ଅଭି' ଉପସର୍ଗ ବ୍ୟବହାର ହୁଏ। 'ନୀ' ଅର୍ଥାତ୍ 'ନେବା'। ଏହି 'ନୀ' ଧାତୁରୁ ନେତା, ଅଭିନେତା ଇତ୍ୟାଦି ଶବ୍ଦ ଗଠିତ ହୁଏ। 'ଅଚ୍' ପ୍ରତ୍ୟୟରେ ଭାବକୁ ବୁଝାଏ। ଯଥା- ନେବାର ଭାବ ହେଉଛି ନୟନ, ଗତି କରିବାର ଭାବଗମନ, କରିବାର ଭାବ କରଣ।

ସାମଗ୍ରିକ ଭାବରେ ଅଭିନୟର ଅର୍ଥ ଯାହା ବା ଯେଉଁ କାର୍ଯ୍ୟ ଜଣକୁ ଲକ୍ଷ୍ୟବସ୍ତୁର ନିକଟତର ହେବାର ଭାବ ସୂଚାଏ। ଉଦାହରଣ ସ୍ୱରୂପ- ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କ ଭଳି ପୁରୁଷମାନେ ଆମ ନିକଟରେ ନାହାନ୍ତି। ମାତ୍ର ଅଭିନୟ ଏକମାତ୍ର ସାଧନା, ଯାହା ପୂର୍ବର ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କୁ ଆମ ନିକଟରେ ଉପସ୍ଥାପନ କରିଥାଏ। ଅଭିନୟ ହେଉଛି ସଙ୍ଗୀତର ଏକ ଅଂଶବିଶେଷ। ଯଥା- ନୃତ୍ୟ, ବାଦ୍ୟ ଓ ଗୀତର ମିଶ୍ରଣରେ ସଙ୍ଗୀତ ହୁଏ। 'ରାଗ ରତ୍ନାକର' ଗ୍ରନ୍ଥରେ ଉଲ୍ଲେଖ ଅଛି ଯେ, ନୃତ୍ୟ, ବାଦ୍ୟ ଓ ଗୀତ ଏ ତିନିକୁ ସଙ୍ଗୀତ କୁହନ୍ତି।

**ନୃତ୍ୟଂ ବାଦିତ୍ରଂ ଗୀତାନାଂ ତ୍ରୟଂ ସଙ୍ଗୀତ ମୁଚ୍ୟତେ
ନୃତ୍ୟଂ ବାଦ୍ୟାନୁଗଂ ପ୍ରୋକ୍ତଂ ବାଦ୍ୟଂ ଗୀତାନୁବର୍ତ୍ତିଚ।**

**ଉତ୍କଳୀୟ ସଂସ୍କୃତିରେ ପାଲା ଏକ ପ୍ରାଚୀନ କଳା। ଏଥିରେ ନୃତ୍ୟ, ସଙ୍ଗୀତ ଓ ଅଭିନୟର ଆକର୍ଷଣ ଅନନ୍ୟ। ତେବେ ପାଲାରେ ଅଭିନୟ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଗୀତ ଗାୟନ ସହିତ ଗାୟକଙ୍କ ଅଭିନୟ ଶୈଳୀ ଦର୍ଶକଙ୍କୁ ଆକୃଷ୍ଟ କରିଥାଏ। ପାଲାରେ ଅଭିନୟର ଆବଶ୍ୟକତାକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା।**



## ପାଲାରେ ବାଦ୍ୟଯନ୍ତ୍ର

ନୃତ୍ୟ, ବାଦ୍ୟର ତାଳକୁ ଅନୁସରଣ କରେ ଏବଂ ବାଦ୍ୟ ଗୀତକୁ ଅନୁସରଣ କରିଥାଏ। ସଙ୍ଗୀତ ବିଦ୍ୟାରେ ଯେଉଁସବୁ ବାଦ୍ୟ ବ୍ୟବହାର କରାଯାଏ, ତାହା ପ୍ରଧାନତଃ ଚାରି ଶ୍ରେଣୀର। ପ୍ରଥମ ଶ୍ରେଣୀ ତାରଯନ୍ତ୍ର। ଯଥା- ବୀଣା, ସୀତାର, ବେହେଲା, ସାରଙ୍ଗୀ, ବେଞ୍ଜୁ, ମାଣ୍ଡୋଲିନ, ଇତ୍ୟାଦି। ଦ୍ୱିତୀୟ ଶ୍ରେଣୀ ଚର୍ମ ନିର୍ମିତ ବାଦ୍ୟ। ଯଥା- ଢୋଲ, ତବଲା, ମୃଦଙ୍ଗ, ଇତ୍ୟାଦି। ତୃତୀୟ ଶ୍ରେଣୀ ପବନ ନିୟନ୍ତ୍ରିତ ବାଦ୍ୟ। ଯଥା- ବଂଶୀ, ତୁରୀ, ଶଙ୍ଖ, ହାରମୋନିୟମ୍, ଇତ୍ୟାଦି। ଚତୁର୍ଥ ଶ୍ରେଣୀ ଧାତୁ ନିର୍ମିତ ବାଦ୍ୟ। ଯଥା- ଝାଞ୍ଜ, ଗିନି, କରତାଳ, ଇତ୍ୟାଦି।



ସାଧାରଣତଃ ପାଲାରେ ଚର୍ମ ନିର୍ମିତ ବାଦ୍ୟ ମୃଦଙ୍ଗ ଓ ଧାତୁ ନିର୍ମିତ ବାଦ୍ୟ ଝାଞ୍ଜ, ଗିରି, କରତାଳ ଆଦି ବ୍ୟବହୃତ ହୋଇଥାଏ। ପାଲାରେ ଗାୟକ ଓଡ଼ିଶୀ, ଛାନ୍ଦ, ଚଉପଦୀ ପରିବେଷଣ କରୁଥିବା ସମୟରେ ଧାତୁ ନିର୍ମିତ ବାଦ୍ୟ ଗିନିକୁ ବ୍ୟବହାର କରି ନିଜର ଅଭିନୟ ପ୍ରଦର୍ଶନ କରିଥାନ୍ତି। ସେହିପରି ମୃଦଙ୍ଗ ବାଦକ ବାଦ୍ୟ ପରିବେଷଣ ସହ ଅଭିନୟ କରି ଦର୍ଶକମାନଙ୍କୁ ଆକୃଷ୍ଟ କରିଥାନ୍ତି। କାବ୍ୟର ରସ ଆସ୍ୱାଦନ ପାଇଁ କୌଣସି ପ୍ରକାର ପ୍ରତିବନ୍ଧକ ବା କ୍ଲିଷ୍ଟତା ଉପୁଜିଲେ ନୃତ୍ୟ, ଗୀତ, ବାଦ୍ୟ ଓ ଅଭିନୟ ଦ୍ୱାରା ରସୋପଲବ୍ଧି ପାଇଁ ଚେଷ୍ଟା କରାଯାଏ ବୋଲି ଅଭନବ ଗୁପ୍ତ ତାଙ୍କ 'ଅଭିନୟ ଭାରତୀ'ରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି।



## ପାଲାରେ ଅଭିନୟର ସ୍ୱାତନ୍ତ୍ର୍ୟ


ପାଲାରେ ଏକକ ଅଭିନୟ ହିଁ ପ୍ରାଧାନ୍ୟ ଲାଭ କରେ। ଏ ଅଭିନୟ ଯାତ୍ରା ପରି ହେଲେ ସେଥିରେ ଆଉ ସ୍ୱାତନ୍ତ୍ର୍ୟ ଓ ମର୍ଯ୍ୟାଦା ରହେ ନାହିଁ। କେତେକ ଗାୟକ ପାଲାକୁ ଗୀତିନାଟ୍ୟ ଶୈଳୀରେ କରିବାକୁ ପ୍ରୟାସୀ ହୁଅନ୍ତି। ମାତ୍ର ଏହା ଦର୍ଶକଙ୍କୁ ଆକର୍ଷିତ କରିପାରେ ନାହିଁ। ଗାୟକ, ବାୟକ ଓ ସଙ୍ଗୀତମାନେ ଏପରି ଅଙ୍ଗଚାଳନା କରି ଅଭିନୟ କରିବେ, ଯାହା ଅତିରଞ୍ଜିତ ନହୋଇ ଦର୍ଶକଙ୍କ ମନରେ ଅଫୁରନ୍ତ ଆନନ୍ଦବର୍ଦ୍ଧନ କରିବାରେ ସହାୟ ହେବ। ଏଥିପାଇଁ ଦଳର ମୁଖ୍ୟ ବିଶେଷ ଧ୍ୟାନ ଦେବା ଉଚିତ।

ଅଭିନୟ ବା ନୃତ୍ୟ ଦ୍ୱାରା ଲାଭ କ'ଣ: -

**ପପୃକ୍ଷେଣ୍ୟମିନ୍ଦ୍ର ତ୍ୱେ ହ୍ୟୋଜୋ
ନୃମ୍ଣାନିଚ ନୃତମାନୋ ଅମର୍ତ୍ତ୍ୱ
ସ ନ ଏନୀଂ ବସବାନୋ ରୟିଂ ଦାଃ ପ୍ରାର୍ଯ୍ୟଃ
ସ୍ତୁତେ ତୁବି ମଘସ୍ୟ ଦାନମ୍।।**

(ଋକ୍ ବେଦ ୫ମ ମଣ୍ଡଳ ୩୩ ସୂକ୍ତ ୬ ମନ୍ତ୍ର)

ପଦ୍ୟାର୍ଥ- ହେ (ଇନ୍ଦ୍ର) ବିଦ୍ୱନ୍, ଯେ (ନୃତମାନଃ) ନୃତ୍ୟ କରିକରି (ଅମର୍ତ୍ତ୍ୱ) ଆତ୍ମଭାବରୁ ମରଣ ରହିତ ମନ (ତ୍ୱେ) ଆପଣଙ୍କ ନିକଟରେ (ପପୃକ୍ଷେଣ୍ୟ) ପ୍ରଶ୍ନ କରାଯୋଗ୍ୟ (ଓଜଃ) ପରାକ୍ରମ (ନୃମ୍ଣାନିଚ) ଏବଂ ମନୁଷ୍ୟମାନଙ୍କ ଦ୍ୱାରା ରମଣ ଯୋଗ୍ୟ ଧନକୁ ଧାରଣ କରାନ୍ତୁ। (ସଃ) ସେ (ଏନୀଂ) ପ୍ରାପ୍ତବ୍ୟ (ବସବାନରୟିଂ) ବାସ କରାଯାଉଥିବା ଧନକୁ (ଦାଃ) ଦିଅନ୍ତୁ। (ହି) ଯଦ୍ୱାରା (ତୁବି ମଘସ୍ୟ) ବହୁତ ଧନର (ଅର୍ଯ୍ୟଃ) ସ୍ୱାମୀ ହୋଇ (ଦାନଂ) ଦାନକୁ (ପ୍ରସ୍ତୁଷେ) ପ୍ରଶଂସା କରି (ସଃ) ଆପଣମାନେ (ନଃ) ଆମ୍ଭମାନଙ୍କୁ ସୁଖ ଦିଅନ୍ତୁ। ଭାବାର୍ଥ- ନୃତ୍ୟ ବା ଅଭିନୟ ଦ୍ୱାରା ଆତ୍ମ ଭାବ ଆସିବା ସହିତ ମରଣ ଧର୍ମ ରହିତ ମନ ପ୍ରାପ୍ତି ହୁଏ। ଅର୍ଥାତ୍ ମୁଁ ଅମର ହୋଇଗଲି, ଏପରି ଭାବ ମନରେ ଆସିବ। ଯେଉଁ ଓଜଃ ବା ପରାକ୍ରମ ଦ୍ୱାରା ଖୁସିରେ ରହିବା ପାଇଁ ଯାହା ଧନ ଆବଶ୍ୟକ, ତାହା ମଧ୍ୟ ମିଳିବ। ହେ ପରମାତ୍ମା ଆମକୁ ସେହିଭଳି ଧନ ଦିଅନ୍ତୁ। ବହୁତ ଧନର ଅଧିକାରୀ ହୋଇ ଏବଂ ସେହି ଧନର ପ୍ରଶଂସା





କରି ଆମ୍ଭେମାନେ ଆପଣଙ୍କ ନିକଟତର ହେବୁ।

ଯେତେବେଳେ ପରମାତ୍ମା ମାନବ ସୃଷ୍ଟି କଲେ ସେତେବେଳେ ମନୁଷ୍ୟ ସୁଖରେ ରହିବା ପାଇଁ ଆନନ୍ଦ, ହର୍ଷ, ବହୁକୃତ ଆନନ୍ଦ ତଥା ହର୍ଷ ଉତ୍ପାଦନ କରୁଥିବା ଯେତେ ପ୍ରକାର ଭାବ ସେ ସମସ୍ତ ଯଥା- ହସ, ଖୁସି, ବିଭିନ୍ନ ପ୍ରକାର ନୃତ୍ୟ, ଅଭିନୟ ଖେଳକୁଦ ଆଦି ମଙ୍ଗଳ କାର୍ଯ୍ୟ ଏ ସମସ୍ତ ପଦାର୍ଥ ମନୁଷ୍ୟକୁ ଦାନ କଲେ।

**ଆନନ୍ଦା ମୋଦାଃ ପ୍ରମୁଦୋଽଭୀ ମୁଦଶ ଯେ**
**ହସୋ ନରିଷ୍ଟା ନୃତ୍ତାନି ଶରୀର ମନୁ ପ୍ରବିଶନ୍।**

(ଅଥର୍ବ ବେଦ- ୧୧ଶ କାଣ୍ଡ ୮ମ ସୂକ୍ତ ୨୪ ମନ୍ତ୍ର)

ପଦ୍ୟାର୍ଥ- (ଆନନ୍ଦାଃ) ଆନନ୍ଦ (ମୋଦାଃ) ହର୍ଷ (ପ୍ରମୁଦଃ) ବିଶେଷ ଆନନ୍ଦ (ଚ) ଏବଂ (ଯେ ଅଭୀମୋଦ ମୁଦଃ) ବଡ଼ବଡ଼ ଉତ୍ସବରେ ହର୍ଷ ଉତ୍ପାଦନ କରୁଥିବା ଯେଉଁସବୁ ପଦାର୍ଥ ରହିଛି ସେ ସମସ୍ତ ଏବଂ (ହଷଃ) ହସ ବା ମଜା (ନୃତାନି) ବିଭିନ୍ନ ପ୍ରକାର ନୃତ୍ୟ ଏବଂ (ନରିଷ୍ଟା) ଖେଳକୁଦ ଆଦି ମଙ୍ଗଳ କାର୍ଯ୍ୟ ଏସବୁ (ଶରୀରମ୍ ଅନୁପ୍ରବିଶନ୍) ଶରୀରରେ ଧୀରେ ଧୀରେ ପ୍ରବେଶ କଲା।

ଯେଉଁମାନେ ଗବେଷଣା ଦ୍ୱାରା ଅଭିନୟର ଇତିହାସ ସମ୍ବନ୍ଧରେ ଲୋକଲୋଚନକୁ ଆଣିବାକୁ ଚେଷ୍ଟା କରୁଛନ୍ତି, ସେମାନେ ଅଥର୍ବ ବେଦର ଉପରୋକ୍ତ ମନ୍ତ୍ରକୁ ଅନୁଧ୍ୟାନ କରିବା ଦରକାର। ଚାରିବେଦର ୪ଟି ଉପବେଦ ରହିଛି- ଋକ୍ ବେଦ- ଆୟୁର୍ବେଦ, ଯଜୁର୍ବେଦ- ଧନୁର୍ବେଦ, ସାମ ବେଦ- ଗନ୍ଧର୍ବ ବେଦ, ଅଥର୍ବ ବେଦ- ଅର୍ଥ ବେଦ। ଚାରି ବେଦ ମଧ୍ୟରୁ ସାମ ବେଦକୁ ଈଶ୍ୱରଙ୍କ ବିଭୂତି ବୋଲି 'ଶ୍ରୀମଦ୍ ଭଗବତ' ଗୀତା ବିଭୂତି ଯୋଗଃରେ ସ୍ୱୟଂ ଭଗବାନ ଅର୍ଜୁନଙ୍କୁ କହିଛନ୍ତି।



**ବେଦାନାଂ ସାମବେଦୋଽସ୍ମି ଦେବାନା ବାସବଃ**
**ଇନ୍ଦ୍ରିୟାଣାଂ ମନଶ୍ଚାସ୍ମି ଭୂତାନା ମସ୍ମି ଚେତନା।**

(ଗୀତା ୧୦ ଅଧ୍ୟାୟ- ଶ୍ଲୋକ-୨୨)

ବେଦଗୁଡ଼ିକ ମଧ୍ୟରେ ମୁଁ ସାମ, ଦେବତାମାନଙ୍କ ମଧ୍ୟରେ ବାସବ, ଇନ୍ଦ୍ରିୟ ମଧ୍ୟରେ ମନ ଓ ପ୍ରାଣୀମାନଙ୍କର ଚେତନା ଅର୍ଥାତ୍ ଜ୍ଞାନ ଶକ୍ତି ସ୍ୱରୂପ। ଏହି ସାମ ବେଦରୁ ସମସ୍ତ ସଙ୍ଗୀତ, ନୃତ୍ୟ, ଅଭିନୟ ଯେତେ ଗନ୍ଧର୍ବ ବେଦ ଆସିଛି। ତେଣୁ ଗାନ୍ଧର୍ବ କ'ଣ- ତାହା ଜାଣିବା ଆବଶ୍ୟକ। ଗାନ୍ଧର୍ବ କଳାର ସର୍ବଶ୍ରେଷ୍ଠ ପ୍ରାମାଣିକ ଗ୍ରନ୍ଥ ଭରତ ମୁନି ରଚିତ ନାଟ୍ୟ ଶାସ୍ତ୍ର। ଏଥିରେ ଗାନ୍ଧର୍ବ ଶବ୍ଦ ସମ୍ବନ୍ଧରେ ଉଲ୍ଲେଖ ରହିଛି।

**ଯକ୍ସୁ ତନ୍ତ୍ରୀ କୃତଂ ପ୍ରୋକ୍ତଂ ନାନାତୋଦ୍ୟ ସମାଶ୍ରୟମ୍**
**ଗାନ୍ଧର୍ବମିତି ତତ୍ ଜ୍ଞେୟଂ ସ୍ୱରଂ ତାଳ-ପଦାଶ୍ରୟମ୍।**

ଅର୍ଥାତ୍ ତନ୍ତ୍ରୀ ନିର୍ମିତ ନାନା ପ୍ରକାର ବାଦ୍ୟଯନ୍ତ୍ର ସାହାଯ୍ୟରେ ସ୍ୱର, ତାଳ ଓ ପଦକୁ ଆଶ୍ରୟ କରି ଯେଉଁ କ୍ରିୟା ସମ୍ପାଦନ କରାଯାଏ, ତାହାକୁ ଗାନ୍ଧର୍ବ କୁହାଯାଏ।



## ମିଶ୍ରିତ କଳା ପାଲା

ପାଲା ଏକ ରସପୂର୍ଣ୍ଣ ଓ ମିଶ୍ରିତ କଳା। ଏଥିରେ ମୁଖ୍ୟତଃ ଧର୍ମ, ସାହିତ୍ୟ ଓ ସଙ୍ଗୀତ ଚର୍ଚ୍ଚା ହେଉଥିଲେ ମଧ୍ୟ ରସ ପରିବେଷଣ ଉପରେ ଅଧିକ ଗୁରୁତ୍ୱ ଆରୋପ କରାଯାଏ। ରସ ବିଷୟରେ ଉତ୍କଳର ସ୍ୱନାମଧନ୍ୟ ସଂସ୍କୃତ ବିଦ୍ୱାନ୍ ବିଶ୍ୱନାଥ କବିରାଜଙ୍କ ମତ ସର୍ବାଦୃତ। ତାଙ୍କ ରଚିତ 'ସାହିତ୍ୟ ଦର୍ପଣ' ଗ୍ରନ୍ଥାନୁସାରେ ରସ ୧୦ ପ୍ରକାର। ଯଥା-

**ଶୃଙ୍ଗାର ହାସ୍ୟ କରୁଣ ରୌଦ୍ରବୀର ଭୟାନକାଃ**
**ବିଭତ୍ସୋଽଭୁତ ଇତ୍ୟଷ୍ଟୌ ରସାଃ ଶାନ୍ତ ସ୍ତଥା ମତଃ।**
**ସ୍ଫୁଟଂ ଚମତ୍କାରିତୟା ବତ୍ସଳଂ ଚ ରସଂ ବିଦୁଃ।**

ଶୃଙ୍ଗାର, ହାସ୍ୟ, କରୁଣ, ରୌଦ୍ର, ବୀର, ଭୟାନକ, ବୀଭତ୍ସ, ଅଦ୍ଭୁତ, ଶାନ୍ତ ଏହିପରି ନବ ରସ ହେଲେ ମଧ୍ୟ କେହି କେହି ବାତ୍ସଲ୍ୟ ରସକୁ ମିଶାଇ ଦଶ ରସ କୁହନ୍ତି। ଅନ୍ୟ କେତେକଙ୍କ ମତରେ ଲୌଲ୍ୟ, ଭକ୍ତି ଓ କାର୍ପଣ୍ୟକୁ ମିଶାଇ ତେର ରସ କହିଥାନ୍ତି। ସେ ଯାହା ହେଉନା କାହିଁକି ଯଦି ପାଲା ଗାୟକ ଓ ପାଳିଆମାନେ ରସ ପ୍ରତି ଧ୍ୟାନ ନଦିଅନ୍ତି, ତେବେ ସେମାନେ ପଶୁମାନଙ୍କଠାରୁ ହୀନ ହେବେ ବୋଲି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ 'ରସିକ ହାରାବଳୀ'ରେ ଉଲ୍ଲେଖ କରିଛନ୍ତି।

**ପଶୁମାନେ ବଶ ହେଲେ ଏ ରସେ**
**ଯେହୁ ପାଷାଣ ସେ ଏଥି ନରସେ।**

ଏହି ରସ ପରିବେଷଣ କରିବାକୁ ହେଲେ, ଏହା ଅଭିନୟ ମାଧ୍ୟମରେ ଦର୍ଶକଙ୍କୁ ଯେତେ ଆକର୍ଷିତ କରିବ, ଗାୟକଙ୍କ ପାଣ୍ଡିତ୍ୟପୂର୍ଣ୍ଣ ସଂସ୍କୃତ ସାହିତ୍ୟ ଚର୍ଚ୍ଚା ସେତେ ଆକର୍ଷିତ କରିପାରିବ ନାହିଁ। ଏବେ ପାଲାରେ କଳାକୌଶଳର ପରିବର୍ତ୍ତନ ଘଟିଛି, ଯାହାକି ସ୍ୱାଗତଯୋଗ୍ୟ। ତେବେ ଅଭିନୟ ବିନା ସେ ସବୁ ଗ୍ରହଣୀୟ ହେବ ନାହିଁ। ଏଣୁ ମୋର ବ୍ୟକ୍ତିଗତ ମତ, ପାଲାକୁ ଲୋକ ସଙ୍ଗୀତ ଭାବରେ ଗ୍ରହଣ କଲେ ଏବଂ ଏହା ଯଥେଷ୍ଟ ସହଜ ମନେ ହେଉଥିଲେ ମଧ୍ୟ ଉପଯୁକ୍ତ ସାଧନା, ଗାୟନ ବାଦନ କୌଶଳ, ଉପଯୋଗୀ କଣ୍ଠସ୍ୱର ଓ ଅଭିନୟ ବିନା ସର୍ବ ଜନାଦୃତ ହୋଇପାରିବା କଷ୍ଟସାଧ୍ୟ। ଏ ସମସ୍ତ କଥାକୁ ଲକ୍ଷ୍ୟ କଲେ ଜଣାଯାଏ ଅଭିନୟ ପାଲାର ଏକ ଅବିଚ୍ଛେଦ୍ୟ ଅଙ୍ଗ। କେବଳ ଗାୟକ ନୁହଁନ୍ତି ସଙ୍ଗୀତକାରମାନେ ମଧ୍ୟ ଦର୍ଶକଙ୍କୁ ସନ୍ତୁଷ୍ଟ କରିବାକୁ ବିଭିନ୍ନ ରସର ଅବତାରଣା କରିବା ସହିତ ଅଭିନୟ ମାଧ୍ୟମରେ ସେମାନଙ୍କର ଅଙ୍ଗ ଚାଳନା କରି କରିଥାନ୍ତି। ଏଣୁ ମୋଟାମୋଟି ଭାବରେ ଦର୍ଶକଙ୍କୁ ପାଲାର ନିକଟତର କରିବାର ଏକ ପ୍ରମୁଖ ସୂତ୍ର ହେଉଛି ଅଭିନୟ। ■

ପ୍ରାକ୍ତନ ସଦସ୍ୟ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ
ଗୁଆଲି, ଫୁଲନଖରା, କଟକ
ମୋ: ୯୭୭୮୭୧୩୫୭୦

# ପାଲାର ପ୍ରକାରଭେଦ





ଡକ୍ଟର ସନ୍ତୋଷ କୁମାର ମହାପାତ୍ର

**ଓଡ଼ିଆ ନାଟ୍ୟକଳାରେ ପାଲା ଏକ ବିଶିଷ୍ଟ ଅନୁଷ୍ଠାନ । ଏହା ଓଡ଼ିଆ ସଂସ୍କୃତିକୁ ବିଭିନ୍ନ ଭାବରେ ପ୍ରଭାବିତ କରିଆସିଛି । ସତ୍ୟନାରାୟଣ ବ୍ରତ ସହିତ ଏହା ବିଶେଷ ଭାବରେ ଜଡ଼ିତ । 'ସ୍କନ୍ଦ ପୁରାଣ'ର ରେବା ଖଣ୍ଡରେ ସତ୍ୟନାରାୟଣଙ୍କ ପୂଜନ ବର୍ଣ୍ଣନା ହୋଇଛି । ଓଡ଼ିଶାର ପାଲା ପରମ୍ପରାର ପ୍ରାଚୀନତା ସମ୍ପର୍କରେ ଏହା ଏକ ଜ୍ୱଳନ୍ତ ପ୍ରମାଣ । 'ସତ୍ୟନାରାୟଣ ବ୍ରତ'ରୁ ପୂଜା ବା କଥାବାଚନର ପରମ୍ପରା ଆରମ୍ଭ ହୋଇଛି । ବର୍ତ୍ତମାନର ପ୍ରଚଳିତ 'ଠିଆପାଲା' ତା'ର ଏକ ଅନୁଭାବ । ପାଲା ଉପସ୍ଥାପନା ଦୃଷ୍ଟିରୁ ଦୁଇ ପ୍ରକାର । ୧- ବୈଠକୀ ପାଲା, ୨- ଠିଆ ପାଲା । 'ବୈଠକୀ ପାଲା'ରେ ପ୍ରମୁଖତଃ ସତ୍ୟନାରାୟଣ ପାଲା ବା ସତ୍ୟପୀର ପାଲା ପରିବେଷିତ ହୁଏ ।**

## ବୈଠକୀ ପାଲା ବା ସତ୍ୟପୀର ପାଲା

ଶ୍ରୀଯୁକ୍ତ ନୀଳମଣି ମିଶ୍ର କହନ୍ତି – 'ଗଙ୍ଗମାନଙ୍କ ସମୟରୁ ପୁରୀ-ବୈଷ୍ଣବ କ୍ଷେତ୍ର, ଭୁବନେଶ୍ୱର - ଶୈବ କ୍ଷେତ୍ର, କୋଣାର୍କ - ସୌର କ୍ଷେତ୍ର, ଯାଜପୁର -ଶାକ୍ତ କ୍ଷେତ୍ର ଓ ମହାବିନାୟକ - ଗଣପତି କ୍ଷେତ୍ର ରୂପେ ପ୍ରସିଦ୍ଧି ଅର୍ଜନ କଲା । ପଞ୍ଚଦେବତାଙ୍କ ଉପାସନା ରାଜଧର୍ମ ରୂପେ ସ୍ୱୀକୃତ ହେବାରୁ ଓଡ଼ିଶାର ପ୍ରତ୍ୟେକ ପୂଜା ପାର୍ବଣରେ ପଞ୍ଚଦେବତାଙ୍କ ଉପାସନା ଉପରେ ଗୁରୁତ୍ୱ ଆରୋପ କରାଗଲା । ଏହି ପଞ୍ଚୋପସନାର ପରିକଳ୍ପନାରୁ ଓଡ଼ିଶାରେ 'ସତ୍ୟନାରାୟଣ ପାଲା'ର ସୃଷ୍ଟି । ଇତିହାସ ଦୃଷ୍ଟିରୁ ପଞ୍ଚଦଶ ଶତାବ୍ଦୀ ଆଗରୁ 'ପାଲା' ଶବ୍ଦ ଦେଖିବାକୁ ମିଳେନାହିଁ । ଓଡ଼ିଆ ସାହିତ୍ୟରେ ପାଲାର ଉଲ୍ଲେଖ ଆଧୁନିକ କାଳରେ ଦେଖିବାକୁ ମିଳେ । ବ୍ୟାସକବି ଫକୀର ମୋହନ ସେନାପତିଙ୍କ 'ଛ'ମାଣ ଆଠଗୁଣ୍ଠ', 'ଲଛମା', 'ପ୍ରାୟଶ୍ଚିତ' ଉପନ୍ୟାସରେ ପାଲାର ଉଲ୍ଲେଖ ଅଛି; କିନ୍ତୁ ପ୍ରାଚୀନତମ ଉଲ୍ଲେଖ ହିସାବରେ ଶ୍ରୀଜଗନ୍ନାଥ ଦାସ କୃତ 'ସତ୍ୟନାରାୟଣ ପାଲା' ଓଡ଼ିଆରେ ଉପଲବ୍ଧ । 'ଓଡ଼ିଶାର ପାଲା' ପୁସ୍ତକରେ ଧୀରେନ୍ ଦାସ ସେହି ପାଲାର ଉଲ୍ଲେଖ କରିଛନ୍ତି । ହିନ୍ଦୁ ଓ ମୁସଲମାନ ସଂସ୍କୃତିର ମିଳନରୁ ପାଲାର ଜନ୍ମ ବୋଲି ଏକ ସର୍ବମାନ୍ୟ ମତ ସ୍ଥାପନରେ ଆମର ଗବେଷକମାନେ ଏକମତ ହୋଇଛନ୍ତି କହିଲେ ଚଳେ । କୌଣସି ପ୍ରକାର ବିରୁଦ୍ଧ ଯୁକ୍ତି ବା ଆଲୋଚନା ନକରି ଏହା ବଙ୍ଗଳାରୁ ଆସିଛି ବୋଲି ଲେଖିବାକୁ ସେମାନେ କୁଣ୍ଠାବୋଧ କରିନାହାନ୍ତି । ଏକଥା ଲେଖିନାହାନ୍ତି ଯେ କେଉଁ ମୁସଲମାନ ସନ୍ଥ ଓଡ଼ିଶା ଆସିଥିଲେ ବା କେଉଁ ମୁସଲମାନ ସାଧକ ଏଭଳି ସାଂସ୍କୃତିକ ଅନୁଷ୍ଠାନର ପ୍ରଚାରକ ଥିଲେ । ସମସ୍ତ ଲେଖାରେ କୌଣସି ଧାରାବାହିକ ଆଲୋଚନା କିମ୍ବା ଯୁକ୍ତିମୂଳକ ତଥ୍ୟ ନାହିଁ । ଅନୁମାନରେ ଏଭଳି ଏକ ମତ ପ୍ରଚାର କରାଯାଇଛି ଏବଂ କୌଣସି ପ୍ରମାଣ ନଦେଇ କେତେବେଳେ ଏହାର ଜନ୍ମଦାତାଭାବେ ମୋଗଲ ସମ୍ରାଟ ଆକବର, ବଙ୍ଗର ନବାବ ହୁସେନ ସାହ ଅବା ଓଡ଼ିଶାର ସୁବେଦାର ସୁଜାଉଦ୍ଦିନଙ୍କୁ ବସାଇ ଦିଆଯାଇଛି । ଏମିତିକି ନିରୋଳ ଅନୁମାନରେ କବିକର୍ଣ୍ଣଙ୍କୁ ମେଦିନୀପୁରବାସୀ ବଙ୍ଗାଳୀ ବା ଓଡ଼ିଆ ବୋଲି ଲେଖିଛନ୍ତି ଗବେଷକମାନେ । କୌଣସି ଗୋଟିଏ ମଧ୍ୟ ପୁସ୍ତକ ବା ପାରିପାର୍ଶ୍ୱିକ ପ୍ରମାଣର ଉଲ୍ଲେଖ ଗବେଷକମାନଙ୍କ ଲେଖାରୁ ମିଳେନାହିଁ । ମୁସଲମାନ ଶାସନକାଳ ମଧ୍ୟରେ ବାରମ୍ବାର ଓଡ଼ିଶାକୁ ଲୁଣ୍ଠନ କରାଯାଇଛି । ଜଗନ୍ନାଥଙ୍କୁ ଲୁଚାଯାଇଛି ଓଡ଼ିଶାର ବିଭିନ୍ନ ସ୍ଥାନରେ । ପୁରୀ ମନ୍ଦିର ଉପରେ ବିଭିନ୍ନ ସମୟରେ ଆକ୍ରମଣ କରାଯାଇଛି । ବିଭିନ୍ନ ଦୁର୍ଗାଧିପତିଙ୍କ ଠାରୁ ଆରମ୍ଭ କରି ଖୋଦ୍ ଗଜପତିଙ୍କୁ ମୁସଲମାନ ହେବାକୁ ପଡ଼ିଛି । ତା' ସତ୍ତ୍ୱେ ପୀରଙ୍କ ବନ୍ଦନା କରି କେହି ଜଣେ ମଧ୍ୟ ଓଡ଼ିଆ କବି ଧାଡ଼ିଟିଏ ଗୀତ ଲେଖିନାହାନ୍ତି । ଭାଗବତରେ ପ୍ରଭୁଙ୍କର ନାମ କୀର୍ତ୍ତନ ଓ ଶ୍ରବଣ କୀର୍ତ୍ତନ ଥିଲା ଭକ୍ତି ନିବେଦନର ଅଂଶବିଶେଷ । ସେଥିପାଇଁ ଶାସ୍ତ୍ର ଶ୍ରବଣ, ଶାସ୍ତ୍ର ଆଲୋଚନା ତଥା ଭଜନ ଜଣାଣ, ହିନ୍ଦୁସମାଜର ପ୍ରମୁଖ ଅଙ୍ଗ ଭାବେ ବହୁତ ଦିନରୁ ଚାଲି ଆସିଥିଲା । ଶ୍ରୀମଦ୍ ଭାଗବତରେ ବ୍ୟାସଦେବ ଲେଖିଛନ୍ତି –

**ଭକ୍ତି ଗାୟନ୍ ଗୁଣନ୍ ନୃତ୍ୟନ୍ କର୍ମାଣ୍ୟଭିନୟନ୍ ମମ**
**ମତ୍କଥାଃ ଶ୍ରାବୟ ଶୃଣ୍ୱନ୍ ମୂହୁର୍ତ୍ତ କ୍ଷଣିନୋ ଭବେତ୍ ।**

ମୋର ପୂଜା ଉପଲକ୍ଷେ ମୋର ଲୀଳା ଚରିତ ଗାନ, ବର୍ଣ୍ଣନ ବା ଅଭିନୟ କରିବେ । ତେଣୁ ଭକ୍ତି ନିବେଦନର ଅଙ୍ଗ ଭାବେ ଭଗବାନଙ୍କର ପର୍ବ ଉତ୍ସବଗୁଡ଼ିକରେ ଗାୟନ କର୍ମ ଏକ ନିର୍ଦ୍ଦିଷ୍ଟ କଥକ ଗୋଷ୍ଠୀ ଦ୍ୱାରା ନିର୍ବାହିତ ହେଉଥିଲା । ତେଣୁ ସତ୍ୟପୀର ପାଲାର ପ୍ରଚଳନ ଫଳରେ ଏହି ଗୋଷ୍ଠୀ ମଧ୍ୟ ଖୋଜା ପଡ଼ିଲେ । ସତ୍ୟପୀର ପାଲା ପୁଅର ମଙ୍ଗଳ କାମନା କରି ପାଳିତ ହେଉଥିବାରୁ ଏହାର ବ୍ୟାପକ ପ୍ରସାର ହେଲା ଏବଂ ପୂଜା କର୍ମ ସହିତ ସମ୍ପୃକ୍ତ ଏହି ଗୋଷ୍ଠୀ ମଧ୍ୟ ପାଲାବାଲା ହୋଇଗଲେ ।

'ସତ୍ୟପୀର ପାଲା'ରେ ଅଛି –

**ସୱା ହାଜାର ପାନ ସୱା ହାଜାର ସୁପାରି**
**ସୱା ହାଜାର ପାକାକାଲା ନିବେଦନ କରି ।**
**କୁଳୀନ ବ୍ରାହ୍ମଣ ଡାକି କର୍ମ ଆରମ୍ଭିଲ**
**ଆସ୍ଥାନ ପୂରବେ ଏକ ଗନେଶ ସ୍ଥାପିଲ**
**ଦ୍ୱିତୀୟେ ଭାସ୍କର ଆର ତୃତୀୟେ ଶଙ୍କର**
**ଚତୁର୍ଥେ ପୂଜିଲ ତହିଁ ଦୁର୍ଗାର ପୟର**
**ସତ୍ୟନାରାୟଣ ବୋଲି ମଧ୍ୟରେ ପୂଜିୟା**
**ଓଁକାର ଉଚାରି ତହିଁ ନଇବେଦ୍ୟ ଦିୟା ।**



ଏହିଭଳି ପୂଜାହୋଇଥିବା ଶିରିଣୀକୁ ମୁସଲମାନ ଖାଇଥିବେ ବା ଖୁଆଉଥିବେ – ଏହାର କୌଣସି ଉଦାହରଣ ନାହିଁ । ଓଡ଼ିଶାରେ ପୀର ବନ୍ଦନା ସାହିତ୍ୟରେ ଦେଖିବାକୁ ମିଳେନାହିଁ । ତେଣୁ ସତ୍ୟପୀର ପାଲା ଏକ ଅନୁସୃଜନ । ସତ୍ୟନାରାୟଣ ବ୍ରତର ଏକ ମୁସଲମାନୀ ସଂସ୍କରଣ ତିଆରି କରିବାର ଉଦାର ପ୍ରୟାସ । ଏହା ପୂଜା ସରିଲା ପରେ ବସିକରି ପାଲାପରିବେଷଣ କରା ଯାଉଥିବାରୁ ଏହାକୁ 'ବୈଠକୀ ପାଲା' କୁହାଯାଏ ।





## ଠିଆପାଳା

ଠିଆପାଳା ଏକ ଶାସ୍ତ୍ରୀୟ ଅନୁଷ୍ଠାନ । ଏହାଦ୍ୱାରା ଏକ ନିର୍ଦ୍ଦିଷ୍ଟ ପରିବେଷଣ ଶୈଳୀରେ ବିଭିନ୍ନ ନାଟକୀୟ ବିଷୟ ପରିବେଷିତ ହୁଏ । ନିଜ ପୁଅର ମଙ୍ଗଳ ପାଇଁ ଓଡ଼ିଆ ଜାତି ସତ୍ୟପୀର ପାଲା ମାନସିକ କରିଛି । ପାଲା ପରେ ନୃତ୍ୟ-ଗୀତ ପରିବେଷଣ ପାଇଁ ଖୋଜା ପଡ଼ିଛନ୍ତି ପୂଜାବାଲାମାନେ । ସେମାନେ ମଧ୍ୟ ଆଜିକାଲିର ସରକାରୀ କାର୍ଯ୍ୟକ୍ରମର ପାଲା କରିବା ପରି ସତ୍ୟପୀର ପାଞ୍ଚାଳୀକୁ ପରିବେଷଣ କରିଛନ୍ତି । ଏହି ପ୍ରଥା ଏତେ ବ୍ୟାପକ ହୋଇଛି ଯେ ଶେଷରେ ସତ୍ୟନାରାୟଣ ବ୍ରତ ମରିଯାଇଛି ଏବଂ ସତ୍ୟପୀର ପାଞ୍ଚାଳୀ ଓଡ଼ିଆ ସାମାଜିକ ଜୀବନରେ ବଞ୍ଚି ରହିଛି । ଏହି ପାଞ୍ଚାଳୀର ବହୁଳ ପ୍ରଚଳନ ଦେଖି ଓଡ଼ିଆ ପାଲାର ଜନ୍ମଜାତକରେ ସତ୍ୟପୀର ପାଲାକୁ ବସାଇ ଦିଆଯାଇଛି । ଏହି ଠିଆପାଲାର ପ୍ରାଚୀନତା ଦର୍ଶାଇବାପାଇଁ 'ଓଡ଼ିଶାର ପାଲା' ପୁସ୍ତକରେ ଧୀରେନ୍ ଦାସ ପାଲାକୁ ବୌଦ୍ଧ ଧର୍ମର 'ପାଲି' ଶବ୍ଦରୁ ଅବତାରଣା କରିଛନ୍ତି । ତାଙ୍କ ଭାଷାରେ – 'ପାଲା ଶବ୍ଦ ଯେ ପାଲି ଶବ୍ଦରୁ ଆସିଛି ଏଥିରେ ସନ୍ଦେହର ଅବକାଶ ରହୁନାହିଁ । ପାଲି କିମ୍ବା ପାଲୀ – ଏହି ସଂସ୍କୃତ ଶବ୍ଦଟିର ଅର୍ଥ ହେଉଛି 'ପ୍ରଶଂସା' । ଅତଏବ ଏହି ଅର୍ଥରେ ପାଲା ଭଗବାନଙ୍କର, ମହାପୁରୁଷମାନଙ୍କର, ଶାସ୍ତ୍ରକାରମାନଙ୍କର ପ୍ରଶଂସା ଗାନ ନୁହେଁ କି ?' ପାଲାକୁ ନାଟ୍ୟଶାସ୍ତ୍ର ଭିତ୍ତିରେ ପ୍ରତିଷ୍ଠା କଲାବେଳେ ନାଟକୀୟତା ହେଉଛି ଏହାର ପ୍ରାଣ । ଏହା ପ୍ରଶଂସା ବାଚନ ହେବ କିପରି ? ଧୀରେନ୍ ଦାସ ନିଜର ମତକୁ ପ୍ରମାଣ କରିବା ପାଇଁ ଅଭିଧମ୍ମପଦିପିକା ସୂଚୀରୁ ଉଦାହରଣ ଦେଇଛନ୍ତି ଯେ ପାଲି ଶବ୍ଦ ଧର୍ମ, ତଡାଗ ଶ୍ରେଣୀ, ପଂକ୍ତି ଆଦିକୁ ବୁଝାଏ । ପାଳନ କରିବା, ରକ୍ଷା କରିବା, ବ୍ୟାପ୍ତି ବା ବିସ୍ତୃତି ତଥା ତ୍ରିପିଟକର ଧର୍ମ ବଚନକୁ ପାଲି କୁହାଯାଏ । ଏଠାରେ ପାଲିର ଅର୍ଥ ଭିତରେ ପାଳନ କରିବା, ରକ୍ଷା କରିବା, ବିସ୍ତୃତ କରିବା ଏହି ତିନି ପ୍ରକାର ଅର୍ଥ ଦିଆଯାଇଛି । ଏହି ଅର୍ଥଗୁଡ଼ିକୁ କାହିଁକି ଗ୍ରହଣ କରାନଯିବ ତା'ର କୌଣସି ବିରୁଦ୍ଧଯୁକ୍ତି ସେ ଦେଇନାହାଁନ୍ତି । ବରଂ ଏହା ହିଁ ସତ୍ୟ ଯେ ଓଡ଼ିଆ 'ପାଲି' ଶବ୍ଦ ଏହି 'ପାଲି' ଶବ୍ଦରୁ ଆସିଛି ଯାହାର ଅର୍ଥ ବିସ୍ତୃତ କରିବା, ବ୍ୟାପ୍ତି କରିବା ବା ପଲ୍ଲବୟତି ଇତି ପାଲି । ସେଥିପାଇଁ କୌଣସି କଥାକୁ ଦୋହରାଇଲେ ଏହାକୁ ପାଲି ଧରିଛି ବୋଲି କୁହାଯାଏ । ଓଡ଼ିଆରେ ପାଲାର ମୁଖ୍ୟକୁ ଗାୟକ ବା ଗାହାଣ କୁହାଯାଏ ଏବଂ ଆସାମରେ ଓଜା (ଉପାଧ୍ୟାୟ) କୁହାଯାଏ । ଏହି ଉଭୟ ଶବ୍ଦର ବର୍ଣ୍ଣନା ସଙ୍ଗୀତ ଶାସ୍ତ୍ରରେ ଅଛି । କୌଣସିଠାରେ ଏମାନଙ୍କୁ ପାଲିକାର ବା ପାଲାକାର ବୋଲି ବର୍ଣ୍ଣନା କରାଯାଇନାହିଁ ।

## ଠିଆପାଲାର ସ୍ୱରୂପ

ପାଲାର ମୁଖ୍ୟ ହେଲେ ଗାୟକ । ଗାୟକ ଡାହାଣ ହାତରେ ଗିନି ଓ ଚଅଁର ଧରି ପଦମାନ ବୋଲନ୍ତି ଓ ସହଯୋଗୀ ପାଳିଆମାନେ ତାକୁ ଦୋହରାନ୍ତି ବା ପାଳି ଧରନ୍ତି । ପାଳି ଧରୁଥିବା ଯୋଗୁଁ ସେମାନଙ୍କୁ ପାଳିଆ କୁହାଯାଏ । ଗାୟକଙ୍କୁ ମୃଦଙ୍ଗରେ ଯେ ସହଯୋଗ କରନ୍ତି ତାଙ୍କୁ ବାୟକ କୁହାଯାଏ । ଶିରିପାଳିଆ ବା ଡାହାଣ ପାଳିଆ ଗାୟକଙ୍କୁ ଗୀତ ବୋଲାରେ ଓ ଅର୍ଥ ତର୍ଜମାରେ ସାହାଯ୍ୟ କରନ୍ତି । ଗାୟକ, ବାୟକ ଓ ଶ୍ରୀପାଳିଆଙ୍କୁ ଛାଡ଼ି ଆହୁରି ଦୁଇ ତିନି ଜଣ ପାଳିଆ ଗୋଟିଏ ଲେଖା ପାଲାଦଳରେ ଥାଆନ୍ତି ।

## ଗାୟକ

ଗାୟକ ହେଲେ ପାଲାର ଦଳପତି, ଶ୍ରେଷ୍ଠ ନଟ, ସୂତ୍ରଧର ଓ ସ୍ଥାପକ । ଗାୟକର ପାଞ୍ଚଗୁଣ ହେଲା – ଶିକ୍ଷାକାର, ଅନୁକାର, ରସିକ, ରଞ୍ଜକ ଏବଂ ଭାବଜ୍ଞ । ସେ ଗୀତ ଶିଖାଉଥିବାରୁ ଏବଂ ଅନ୍ୟମାନେ ତା'ଠାରୁ ଗୀତ ଶିଖୁଥିବାରୁ ସେ ଶିକ୍ଷାକାର । ସେ ଅନ୍ୟର ଗୀତକୁ ଅନୁକରଣ କରୁଥିବାରୁ ସେ ଅନୁକାର । ସେ ରସ ପରିବେଷଣ କରୁଥିବାରୁ ସେ ରସିକ, ସେ ଶ୍ରୋତୃବର୍ଗଙ୍କୁ ରଞ୍ଜନ କରୁଥିବାରୁ ରଞ୍ଜକ ଏବଂ ଭାବ ପ୍ରକାଶ କରିବା ବା ରସ ଅନୁସାରେ ଅଭିନୟ ପ୍ରକାଶ କରୁଥିବାରୁ ସେ ଭାବଜ୍ଞ । ପାଲାର ଗାୟକ ମଧ୍ୟ ଏହି ପଞ୍ଚକର୍ମ କରେ । 'ପାଲା' ଏକ 'ଏକକ ଅଭିନୟ' ଯୁକ୍ତ ଅନୁଷ୍ଠାନ । ଗାୟକ ପାଲା ପରିବେଷଣ ସମୟରେ ସବୁ ଚରିତ୍ରରେ ଅଭିନୟ କରେ ।

## ବାୟକ

ପାଲାଭିନୟରେ ମୃଦଙ୍ଗ ମୁଖ୍ୟ ବାଦ୍ୟ । ଏହାକୁ ବଜାଉଥିବା ପାତ୍ରଙ୍କୁ ବାୟକ କୁହାଯାଏ । ପାଲା ପ୍ରଦର୍ଶନ ସମୟରେ ମୃଦଙ୍ଗ ବାଦ୍ୟର ତାଳେ ତାଳେ ଅଭିନୟ ଓ ସଙ୍ଗୀତ ପରିବେଷଣ କରାଯାଇଥାଏ । ପାଲାରେ ମୃଦଙ୍ଗକୁ ଖୋଳ ମଧ୍ୟ କୁହାଯାଏ । ବାୟକ ମୃଦଙ୍ଗ କାନ୍ଧରେ ପକାଇ ଏଥିରେ ବିବିଧ ତାଳର ବାଦ୍ୟ ବଜାନ୍ତି । ମଞ୍ଚକୁ ଗାୟକଙ୍କ ପ୍ରବେଶ ପୂର୍ବରୁ ବାୟକଙ୍କ ସହ ଅନ୍ୟ ପାଳିଆମାନେ ମଞ୍ଚ ପ୍ରବେଶ କରି ବାୟକଙ୍କ ମୃଦଙ୍ଗ ତାଳେ ତାଳେ ଝାଞ୍ଜ ବା କରତାଳ ଦ୍ୱାରା ସମୂହ ବାଦ୍ୟ ପରିବେଷଣ କରିଥାନ୍ତି । ବାୟକଙ୍କ ଏହି ଶାସ୍ତ୍ରୀୟ ଶୈଳୀର ବାଦ୍ୟ ପରିବେଷଣକୁ ସଞ୍ଚାର କୁହାଯାଏ । ବେଳେବେଳେ ଏକକ ବାଦ୍ୟ ପରିବେଷଣ କରି ସେମାନେ ହାସ୍ୟ ରସ ପରିବେଷଣ କରିଥାନ୍ତି ।



## ଶ୍ରୀପାଳିଆ

ଶ୍ରୀପାଳିଆଙ୍କୁ ଡାହାଣ ପାଳିଆ ମଧ୍ୟ କୁହାଯାଏ । ଅନୁରୂପ ଭାବେ ଆସାମର ଓଜାପାଲିରେ ଏହି ପ୍ରମୁଖ ପାଳିଆଙ୍କୁ ଦାଇନାପାଲି କହନ୍ତି । ଏହା ଦକ୍ଷିଣ ପାଳିଆ ବା ଡାହାଣ ପାଳିଆର ଅପଭ୍ରଂଶ । ଶ୍ରୀ ପାଳିଆ, ଗାୟକଙ୍କ ପ୍ରଧାନ ସହକାରୀ । ବିଶେଷତଃ ଗାୟକଙ୍କୁ ସମସ୍ତ ପଦରେ ପାଳି ଦେଇ ଅଭିନୟ କ୍ଷେତ୍ରରେ ସହଯୋଗ କରିଥାନ୍ତି । ପାଲାଭିନୟ ସମୟରେ ସେ ବିଦୂଷକ ଭୂମିକା ଗ୍ରହଣ କରିବା ସହ ହାସ୍ୟରସ ଉଦ୍ରେକ କରଥା'ନ୍ତି । ଗାୟକ ପାଲା ବିଷୟବସ୍ତୁ ସହ ଦର୍ଶକମାନଙ୍କ ଚିତ୍ତକୁ ଅଧିକ ସମୟ ଯୋଡ଼ିଦେବା ଓ ତଦ୍‌ଜନିତ କ୍ଲାନ୍ତିକୁ ଦୂର କରିବାପାଇଁ ବିଦୂଷକ ଗାୟକ ସହ ବିତଣ୍ଡା କରି ହାସ୍ୟ ସୃଷ୍ଟି କରନ୍ତି । ଗାୟକ ବିଶ୍ରାମ ନେବା ସମୟରେ ଶ୍ରୀପାଳିଆ ଆବଶ୍ୟକସ୍ଥଳେ ଗାୟକଙ୍କ ଭୂମିକା ତୁଲାଇଥାନ୍ତି । ଏହି ସମୟରେ ସାଧାରଣତଃ ଧ୍ରୁବାଗୀତ ପରିବେଷଣ ହୋଇଥାଏ । ସେ ମଧ୍ୟ ଗାୟକଙ୍କ ପରି ବିଜ୍ଞ ଓ ପ୍ରବୀଣ ଅଟନ୍ତି । ଗାୟକଙ୍କୁ ସେ ଗାଇବାରେ ସହଯୋଗ କରନ୍ତି ।

## ପାଳିଆ

ପାଲା ପରିବେଷଣ ପାଇଁ ଗାୟକ, ବାୟକ, ଶ୍ରୀପାଳିଆଙ୍କୁ ବାଦ୍ ଦେଲେ ଅବଶିଷ୍ଟ ୩ ବା ୪ ଜଣ ପାଳିଆ ପାଲାଭିନୟ କ୍ଷେତ୍ରରେ ବିଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହୋଇଥାନ୍ତି । ଏପରିକି କରତାଳ, ଦାସକାଠି, ରାମତାଳି, ଘୁଙ୍ଗୁର ଓ ଏକଫାଳି ଇତ୍ୟାଦି ବଜାଇଥାନ୍ତି । ଢଗଢମାଳି ପ୍ରବାଦ ପ୍ରହେଳିକା ଓ ଘୋଷା ଗାଇଥାନ୍ତି । ସେହି ପାଳିଆମାନଙ୍କ ମଧ୍ୟରୁ ଜଣେ ପାଳିଆଙ୍କୁ ମଧ୍ୟ ମୁଖ୍ୟ ଗୀତ ଗାୟକ ଭାବେ ନିଆଯାଇଥାଏ । ପାଲା ପରିବେଷଣର ମଝିରେ ମଝିରେ ଗୀତ ଗାଇ ସେ ଦର୍ଶକମାନଙ୍କୁ ଆମୋଦିତ କରିଥାନ୍ତି । ପାଳିଆମାନେ ମଞ୍ଚରେ ପାଲାଭିନୟର ବିଷୟବସ୍ତୁକୁ ନେଇ ଆବଶ୍ୟକ ପଡୁଥିବା ଭୂମିକାରେ ଅଭିନୟ କରିଥାନ୍ତି । ସେହି ମଞ୍ଚରେ ଆବଶ୍ୟକ କରୁଥିବା ବେଶପୋଷାକ ପରିଧାନ କରି ହଠାତ୍ ପ୍ରସ୍ତୁତ ହୋଇଯାଆନ୍ତି । ପାଲାରେ ବାହାରୁ କୌଣସି ଜିନିଷ ବା ପୁସ୍ତକ ବ୍ୟବହାର ହୁଏନାହିଁ । ତା ସତ୍ତ୍ୱେ ଉଠାନିଶ, ଦାଢ଼ି, ଟୋପି, ଚଷମା ଇତ୍ୟାଦି ଦ୍ୱାରା ପାଳିଆମାନେ ରଙ୍ଗମଞ୍ଚକୁ ରସମୟ କରିଥାନ୍ତି ।

ଶ୍ରୀପାଳିଆଙ୍କ ପରି ପାଳିଆମାନେ ମଧ୍ୟ ଗାୟକ ଛାଡ଼ିଥିବା ପଦକୁ ପୂରଣ କରିଥାନ୍ତି । କାନରେ ହାତଦେଇ ଉଚ୍ଚସ୍ୱରରେ ଗାଇ ପାଲାର ପାରମ୍ପରିକ ଶୈଳୀକୁ ପ୍ରଦର୍ଶିତ କରିଥାଆନ୍ତି । 'ଠିଆପାଲା'ରେ ବିଭିନ୍ନ ବିଷୟ ପରିବେଶିତ ହୁଏ । ଏହି 'ଠିଆପାଲା' ଶୈଳୀରେ କେନ୍ଦୁଝରର ଗୟା ପାଲା, ସମ୍ବଲପୁରର ନଚନିଆ ଓ ସଞ୍ଚାର ପ୍ରଦର୍ଶିତ ହୋଇଥାଏ । ■



ସାରୋ, ମଞ୍ଜୁରୀ ରୋଡ୍
ଭଦ୍ରକ-୭୫୬୧୨୧

ଓଡ଼ିଶାର ସୁନାମଧନ୍ୟ ଲୋକକଳା ପାଲାରେ ଲୋକଶିକ୍ଷା ପାଇଁ ଯଥେଷ୍ଟ ଉପାଦାନ ରହିଅଛି । ଏହା ଓଡ଼ିଶାର ସର୍ବପ୍ରାଚୀନ ଓ ସାର୍ବଜନୀନ ଲୋକାନୁଷ୍ଠାନ ହୋଇଥିବା ହେତୁ ଗୀତ, ବାଦ୍ୟ ଓ ନୃତ୍ୟ ମାଧ୍ୟମରେ ପୁରାଣ ଶାସ୍ତ୍ର, ଲୋକକଥା, କିମ୍ବଦନ୍ତୀ, ଇତିହାସ, ସମାଜନୀତି, ରାଜନୀତି, କୂଟନୀତି ଇତ୍ୟାଦିକୁ ଆଧାର କରି ଏହା ଲୋକ ଶିକ୍ଷାମୂଳକ ହୋଇଅଛି । ବ୍ୟକ୍ତିଗତ ତଥା ସାମାଜିକ ଜୀବନର ସୁସ୍ଥତା ପାଇଁ ଏହାର ଉପଯୋଗିତାକୁ କଦାପି ଅସ୍ୱୀକାର କରାଯାଇ ନପାରେ ।



# ପାଲାରେ ଲୋକଶିକ୍ଷା ଓ ସଚେତନତା



ଡକ୍ଟର ଧୀରେନ କୁମାର ମହାନ୍ତି

ଓଡ଼ିଆ ଭାଷା, ସଂସ୍କୃତି ଓ ସାହିତ୍ୟର ପ୍ରଖ୍ୟାପକ ହୋଇଥିବା ହେତୁ ଏଗୁଡ଼ିକର ସୁରକ୍ଷା ଓ ସଂରକ୍ଷଣ ପାଇଁ ପାଲା ଲୋକଙ୍କ ଉପରେ ପ୍ରଭାବ ପକାଇଥାଏ । ସାଧାରଣ ଗ୍ରାମୀଣ ଜନତାଠାରୁ ସହରର ବୌଦ୍ଧିକ ମାନସିକତା ସମ୍ପନ୍ନ ବୁଦ୍ଧିଜୀବୀ ପାଲାକୁ ଗ୍ରହଣ କରିଥାନ୍ତି । ଦେଢ଼ ଶହ ବର୍ଷ ତଳେ ଓଡ଼ିଆ ଭାଷା ଉପରେ ବିପତ୍ତି ପଡ଼ିଥିବାବେଳେ ଏହି ପାଲାକାରମାନେ ପାଦରେ ଚାଲିଚାଲି ରାଜ୍ୟର ଉପାନ୍ତ ଅଞ୍ଚଳରେ ଯେଉଁଭଳି ଭାବରେ ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟର ପରିପ୍ରଚାର ଚଳାଇଲେ ଓ ସଂସ୍କୃତ ସାହିତ୍ୟର ସମକକ୍ଷ ବୋଲି ଓଡ଼ିଆ ସାହିତ୍ୟକୁ ଉପସ୍ଥାପିତ କରାଇଲେ, ତାହା ବାସ୍ତବରେ ପ୍ରଣିଧାନଯୋଗ୍ୟ । ଏହାଦ୍ୱାରା ଜନମାନସରେ ଧାରଣା ସୃଷ୍ଟି ହେଲା ଯେ କେବଳ କବି, ଲେଖକ ନୁହଁନ୍ତି, ସାଧାରଣ ଜନତା ଦ୍ୱାରା ମଧ୍ୟ ଭାଷା ବଞ୍ଚିବ ଓ ଜନମୁଖରେ ଏହା ସଜୀବ ହୋଇ ପାରିବ ।

## ମିତବ୍ୟୟତା ଶିକ୍ଷା

ପୁନଶ୍ଚ ଆସ୍ଥାନ ଉପରେ ପାନପତ୍ର ପାଞ୍ଚଟି, କଦଳୀ ପାଞ୍ଚଟି ଓ ଲଡୁ ପାଞ୍ଚଟିର ସମ୍ମିଶ୍ରଣ କରି ସ୍ୱଳ୍ପ ଖର୍ଚ୍ଚରେ ଶିରିଣୀ ଭୋଗ ପ୍ରଚଳନ ଦ୍ୱାରା ଜୀବନରେ ମିତବ୍ୟୟିତା ଶିକ୍ଷା ଦେବାକୁ ପାଲା ସମର୍ଥ । ଏସବୁ ସତ୍ତ୍ୱେ ରାମାୟଣର ରାମଚରିତ୍ରର ପିତୃଭକ୍ତି, ସୀତାଙ୍କ ସ୍ୱାମୀଭକ୍ତି, ଉର୍ମିଳାଙ୍କ ତ୍ୟାଗଶକ୍ତି, ହନୁମାନଙ୍କ ପ୍ରଭୁଭକ୍ତି, ଲକ୍ଷ୍ମଣଙ୍କ ଭ୍ରାତୃଭକ୍ତି, ଭରତଙ୍କ ଭ୍ରାତୃପ୍ରୀତି, ସୁଗ୍ରୀବଙ୍କ ବନ୍ଧୁପ୍ରୀତି ଇତ୍ୟାଦିର ପଟାନ୍ତର ନାହିଁ । ଏଗୁଡ଼ିକ ପ୍ରତ୍ୟେକସ୍ତରରେ ଲୋକଶିକ୍ଷାମୂଳକ ।

## ପାଲାରେ ଜନସଚେତନତା

ଲୋକଶିକ୍ଷାର ବିଭାବକୁ ଛାଡ଼ିଦେଲେ ପାଲା ଜନମାନସରେ ଅନେକ ସଚେତନତାକୁ ଜାହିର କରିଥାଏ । ପଥପ୍ରାନ୍ତ ପାଲା ମାଧ୍ୟମରେ ସରକାରୀ ଯୋଜନାର ପ୍ରସାର, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନର ସୁବିଧାର ସୂଚନା ଓ ବିଭିନ୍ନ ବୀମାଯୋଜନା ଇତ୍ୟାଦିର ପ୍ରଚାର କରାଯାଇଥାଏ । ରେଡିଓ, ଟିଭି ଇତ୍ୟାଦି ମାଧ୍ୟମରେ ବି ପାଲାର ବାର୍ତ୍ତା ସର୍ବଦା ସମାଜ ସଚେତନମୁଖୀ ହୋଇଥାଏ ।

ଏହାଛଡ଼ା ପାଲାର 'କୃଷ୍ଣ ସୁଦାମା' ବିଷୟରୁ ଧନୀଦରିଦ୍ରର ଭେଦଭାବ ଦୂରହେବା, 'ବନ୍ଧୁ ମହାନ୍ତି' ଉପାଖ୍ୟାନରୁ ଭକ୍ତ ଭଗବାନଙ୍କ ଏକାତ୍ମ ଭାବ ସୃଷ୍ଟି ହେବା, 'ଶ୍ରୀୟା ଚଣ୍ଡାଲୁଣୀ' ଆଖ୍ୟାନରୁ ଜାତିଭେଦ ପାଚେରି ଉଚ୍ଛେଦ କରିବା ଇତ୍ୟାଦି କ୍ରାନ୍ତିକାରୀ ପଦକ୍ଷେପମାନ ପାଲା ମାଧ୍ୟମରେ ବୟାନ କରାଯାଇଥାଏ । ବିଶେଷତଃ ଅସ୍ପୃଶ୍ୟତା ନିବାରଣର ସଚେତନ ବାର୍ତ୍ତା ମହାତ୍ମା ଗାନ୍ଧୀଙ୍କ ଆବିର୍ଭାବର ଚାରିଶହ ବର୍ଷ ପୂର୍ବରୁ ବଳରାମ ଦାସ ନାମଧାରୀ, ଜଣେ ଓଡ଼ିଆ କବି ଅତି ସତର୍କତାର ସହ ଦେଇପାରିଥିଲେ, ଏହା ପ୍ରକୃତିର ବିସ୍ମୟ ଭାବୋଦ୍ଦୀପକ । କେବଳ ପାଲା ପାଇଁ ଆଜି ମଧ୍ୟ ଓଡ଼ିଶାର ପୁରପଲ୍ଲୀରେ ଦୀନକୃଷ୍ଣ, ଉପେନ୍ଦ୍ର, ଅଭିମନ୍ୟୁ, ରାଧାନାଥ, ଗଙ୍ଗାଧର ସାହିତ୍ୟର ଅଧିକ ପ୍ରଚାରପ୍ରସାର ହୋଇପାରୁଛି ।

ପ୍ରାଚୀନ, ମଧ୍ୟଯୁଗୀୟ ଓ ଆଧୁନିକ ସାହିତ୍ୟର ସମନ୍ୱୟ ସ୍ଥାପନର ସଚେତନତା ସୃଷ୍ଟି କରିଥାଏ ପାଲା । ବିଭିନ୍ନ ଯୁଗର କବି ଲେଖକମାନଙ୍କର ସମୟ ନିର୍ଦ୍ଧାରଣ ଓ ଯୁଗୋପଯୋଗୀ ଲେଖନୀ ଚାଳନାକୁ ବ୍ୟାଖ୍ୟାକରି ପାଲାକାର ଦର୍ଶକଙ୍କ ମନରେ ଇତିହାସ ସଚେତନତା ସୃଷ୍ଟି କରେ । ପାଲାକାର ପରିଷଦ ଭିତରେ ନିଜକୁ ଜଣେ ଜଣେ ସକ୍ରିୟ ସଦସ୍ୟ କରି ପରସ୍ପର ସୁଖଦୁଃଖରେ ଭାଗୀହେବା ଭଳି ସଚେତନତା ସୃଷ୍ଟି କରିବାରେ, ପାଲାର ଅବଦାନକୁ ଅସ୍ୱୀକାର କରାଯାଇ ନପାରେ । ଘର ସଜାଡ଼ିବା ସାଙ୍ଗକୁ ସଂସାର ସଜାଡ଼ିବା ଓ ଜଗତ ସଜାଡ଼ିବାର ଆୟୁଧ ହେଉଛି ପାଲା, ଯାହା ଏକ ବିରାଟ ଜନସଚେତନତାର ବାର୍ତ୍ତା ବହନ କରି ଜଗନ୍ନାଥଙ୍କ ମୈତ୍ରୀ ସୂଚକ ପତାକା ଛଳରେ ସାରା ବିଶ୍ୱକୁ ଆନ୍ଦୋଳିତ କରୁଛି । ■

ଅବସରପ୍ରାପ୍ତ ପ୍ରାଧ୍ୟାପକ,
ହଳଦିଆଟାଙ୍ଗିରୀ, କେନ୍ଦୁଝର
ମୋ: ୯୪୩୮୨୪୧୬୨୨

### ଆଧ୍ୟାତ୍ମିକ ଓ ସାଂସ୍କୃତିକ ଶିକ୍ଷା

ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବରେ ଓଡ଼ିଆ ସଂସ୍କୃତିର ରୂପରେଖ ହଜିଯାଉଥିବା ବେଳେ ତା'ର ନିଜସ୍ୱ ସଂସ୍କୃତିର ପରିପ୍ରସାର କରାଇ ପାଲାକାରମାନେ ଓଡ଼ିଆ ପର୍ବପର୍ବାଣି, ରୀତିନୀତି, ଚାଲିଚଳନ, ପୋଷାକ ଇତ୍ୟାଦି ସମ୍ପର୍କରେ ମନେପକାଇବାକୁ ଚେଷ୍ଟା କରିଥାନ୍ତି । ଆଜି ଜଗତୀକରଣ ପରିପ୍ରେକ୍ଷୀରେ ଆଞ୍ଚଳିକ ସଂସ୍କୃତି ଲୁପ୍ତପ୍ରାୟ ହେଉଥିବାବେଳେ ପାଲା ଆମ ସଂସ୍କୃତିର ପ୍ରଖ୍ୟାପକ ହୋଇ ଆଧ୍ୟାତ୍ମିକତା ଜରିଆରେ ସାଂସ୍କୃତିକ ଶିକ୍ଷା ପ୍ରଦାନ କରାଯାଏ । ଏତଦ୍‌ବ୍ୟତୀତ ସାମାଜିକ ଜୀବନରେ ସ୍ଥିରତା ଲାଗି ଜାତୀୟଚେତନାର ଆବଶ୍ୟକତାକୁ ଆଧାର କରି ପାଲା ଏକ ସମନ୍ୱୟବାଦୀ ଦୃଷ୍ଟିକୋଣ ପ୍ରଦାନ କରିଥାଏ । ଗଣେଶ, ଭାସ୍କର, ବିଷ୍ଣୁ, ଶିବ ଓ ଦୁର୍ଗାଙ୍କୁ ଭିତ୍ତି କରି ପଞ୍ଚଦେବତା ଉପାସନା ମଧ୍ୟ ଦେଇ ମୁସଲମାନଦେବତା ପୀରଙ୍କ ସହିତ ସମନ୍ୱୟ ସ୍ଥାପନ କରି ଜଗନ୍ନାଥ ଚେତନା ମଧ୍ୟରେ ନିଜକୁ ତଲ୍ଲୀନ କରି ପାଲା ଶିକ୍ଷା ଦିଏ ଯେ, ସମାଜରେ ବିଭିନ୍ନ ମତର ଧର୍ମାବଲମ୍ବୀ ରହିଲେ ମଧ୍ୟ ସେମାନେ ଏକ ଓ ଅଭିନ୍ନ ଈଶ୍ୱରଙ୍କ ସନ୍ତାନ ।

### ଅନ୍ତରରେ ମର୍ମବାଣୀ ପ୍ରତିଧ୍ୱନିତ

ଅଚଳାଚଳ ସମ୍ପତ୍ତି ଥାଇ ମଧ୍ୟ ଚରିତ୍ରହୀନ ହେଲେ କ'ଣ ଅସୁବିଧା ହୁଏ, ତାହା ରାବଣ ଚରିତ୍ରରୁ, ଅନ୍ୟର ସ୍ତ୍ରୀକୁ ଅପହରଣ କଲେ କ'ଣ ହୁଏ, ତାହା ବାଳୀ ଚରିତ୍ରରୁ, ଅନ୍ୟାୟ ଆଚରଣ ଦେଖିଲେ ଭାଇ ମଧ୍ୟ ପର ହୋଇଯାଏ, ତାହା ବିଭୀଷଣ ଚରିତ୍ରରୁ ଅଧର୍ମରେ ଚଳିଲେ ଦୈବୀ ବଳ ମଧ୍ୟ ନିଃଶେଷ ହୋଇଯାଏ, ତାହା ଇନ୍ଦ୍ରଜିତ ଚରିତ୍ରରୁ ଶିଖିବାକୁ ମିଳିଥାଏ । 'ମହାଭାରତ'ରେ ସେହିପରି ଧର୍ମ ଯାହା ସତ୍ୟ ଉପରେ ନିର୍ଭର କରେ, ସେଥିରୁ ନିବୃତ୍ତ ହୋଇଗଲେ କ'ଣ ଦଶା ହୁଏ, ତାହା ଦୁର୍ଯ୍ୟୋଧନ ଚରିତ୍ରରୁ, ଧର୍ମନୀତିର ସଂରକ୍ଷକ ଭାବେ ସଂଜୟ ଚରିତ୍ରରୁ, ଅନ୍ୟାୟକୁ ମଥାପାତି ସହିନେଲେ କିପରି, ତାହା ନୈସର୍ଗିକ ବଳକୁ ହରଣ କରେ ତାହା ଭୀଷ୍ମ ଚରିତ୍ରରୁ ଶିକ୍ଷା ମିଳିଥାଏ । ଅନୁରୂପଭାବରେ କୃଷ୍ଣ ଚରିତ୍ରରୁ ଗଣତନ୍ତ୍ରର ପ୍ରତିଷ୍ଠା କଥା ଶିକ୍ଷା କରାଯାଇପାରେ । ଶ୍ରୀମଦ୍‌ଭଗବଦ୍‌ଗୀତାରେ ମଧ୍ୟ ଦୈନନ୍ଦିନ ଜୀବନଚର୍ଯ୍ୟାର ବହୁ ଉଦାହରଣ ମିଳେ, ଯେଉଁଗୁଡ଼ିକ ବ୍ୟକ୍ତିଗତ ତଥା ସାମାଜିକ ଜୀବନ ପାଇଁ ଏକାନ୍ତ ଉପଯୋଗୀ । ଜୀବନର ସନ୍ଧିକ୍ଷଣରେ ମଣିଷ ଉପନୀତ ହୋଇ ଯେତେବେଳେ ଉପଯୁକ୍ତ ମାର୍ଗ ଖୋଜେ, ସେତେବେଳେ ପାଲା ମଧ୍ୟରେ ଏହି ଗୀତା, ଭାଗବତ ଇତ୍ୟାଦିର ମର୍ମବାଣୀ ଅନ୍ତରରେ ପ୍ରତିଧ୍ୱନିତ ହୋଇ ଏକାନ୍ତ ଶିକ୍ଷାପ୍ରଦ ହୋଇଥାଏ ।



### ଲୋକ ଶିକ୍ଷାମୂଳକ ଉପାଖ୍ୟାନ

ଓଡ଼ିଆରେ ଭାଗବତ କେବଳ ଜଗନ୍ନାଥ ଦାସ ଲେଖିନାହାନ୍ତି, ଦୀନବନ୍ଧୁ ଖାଡ଼ଙ୍ଗା, କୃଷ୍ଣଚରଣ ପ୍ରମୁଖ ମଧ୍ୟ ଓଡ଼ିଆରେ ଭାଗବତ ରଚନା କରିଛନ୍ତି, କିନ୍ତୁ ସର୍ବାଧିକ ଲୋକପ୍ରିୟ ଗ୍ରନ୍ଥ ଜଗନ୍ନାଥ ଦାସ କୃତ 'ଭାଗବତ'ରେ ଓଡ଼ିଆ ଜୀବନର ନିଛକଚିତ୍ର ପ୍ରଦତ୍ତ ହୋଇଥିବା ହେତୁ ଏହା ଓଡ଼ିଆ ଜାତିର 'ଜୀବନବେଦ' ଭାବରେ ସ୍ୱୀକୃତି ହୋଇଅଛି । ଏତଦ୍‌ବ୍ୟତୀତ 'ନୃସିଂହ ପୁରାଣ', 'ବ୍ରହ୍ମବୈବର୍ତ୍ତ ପୁରାଣ', 'ଶିବ ପୁରାଣ', 'ସୂର୍ଯ୍ୟ ପୁରାଣ', 'ସ୍କନ୍ଦପୁରାଣ', 'କୂର୍ମ ପୁରାଣ', 'ଲିଙ୍ଗ ପୁରାଣ', 'ଗଣେଶ ପୁରାଣ', 'ଗଙ୍ଗା ମାହାତ୍ମ୍ୟ' ଇତ୍ୟାଦିରେ ରାଶି ରାଶି ଲୋକ ଶିକ୍ଷାମୂଳକ ଉପାଖ୍ୟାନ ସନ୍ନିବେଶିତ ହୋଇଛି । ପାଲାକାରମାନେ ପରିବେଷଣ ଛଳରେ ଏହି ଲୋକଶିକ୍ଷାମୂଳକ ଉପାଖ୍ୟାନ ସଙ୍ଗୀତ ଓ ଅଭିନୟ ମାଧ୍ୟମରେ ପରିବେଷଣ ପୂର୍ବକ ନିଜର ବିଜ୍ଞତାର ପରିଚୟ ଦେଇଥାନ୍ତି । ମୋଟାମୋଟି ଧର୍ମଧାରଣା ସମ୍ବନ୍ଧରେ ସେମାନଙ୍କର ମତ ହେଲା – ପରୋପକାର କଲେ ପୁଣ୍ୟ ଓ ଅନ୍ୟର କ୍ଷତି କଲେ ପାପ । ପୁଣି ପାଲାରେ ପିତାମାତା ଗୁରୁଜନଙ୍କ ପ୍ରତି ଭକ୍ତି ଏବଂ ସମାଜର ଅନ୍ୟ ପ୍ରାଣୀଙ୍କ ପ୍ରତି ସହୃଦୟ ମନୋଭାବରେ ଶିକ୍ଷାଦାନକାରୀ ହେଉଛି ପାଲା ।



ଡକ୍ଟର ତପସ୍ୱିନୀ ଗୁରୁ

# ପାଲାରେ ସାଙ୍ଗୀତିକତା

**"ଗୀତଂ,ବାଦ୍ୟଂ, ନୃତ୍ୟଂ ଚ ସଙ୍ଗୀତ ମୁଚ୍ୟତେ।" ଅର୍ଥାତ୍ ଗୀତ, ବାଦ୍ୟ ଓ ନୃତ୍ୟର ସମାହାରକୁ ସଙ୍ଗୀତ କୁହାଯାଏ। ବିଶ୍ୱର ଯେ କୌଣସି ସଙ୍ଗୀତ ବିନା ତାଳ-ବାଦ୍ୟରେ ପରିବେଷଣ ହୋଇପାରେନା। ତାଳ ହିଁ ସଙ୍ଗୀତର ମାପକାଠି ଏବଂ ଏହା ସଙ୍ଗୀତକୁ ଏକ ଆଧାର ଏବଂ ସ୍ଥାୟିତ୍ୱ ପ୍ରଦାନ କରିଥାଏ। ସଙ୍ଗୀତକୁ ଜୀବନ୍ତ ଏବଂ ନୈସର୍ଗିକ ଭାବରେ ପରିପ୍ରକାଶ କରିବାର ଏକ ମାଧ୍ୟମ ହିଁ ତାଳ। ସଙ୍ଗୀତର ତାଳ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ସେହିପରି ଅଦ୍ଭୁତ ସୃଜନାତ୍ମକ କ୍ରିୟା ଦ୍ୱାରା ଗାୟନ, ବାଦନ ଏବଂ ନୃତ୍ୟର ପ୍ରାଣ ପ୍ରବାହ ହୋଇଥାଏ।**







ପାଲା ଏପରି ଏକ ବିଦଗ୍ଧ କଳା, ଯେଉଁଥିରେ ଏକାଧାରରେ ଗୀତ, ବାଦ୍ୟ ଓ ନୃତ୍ୟର ଅପୂର୍ବ ସମାହାର ଦେଖିବାକୁ ମିଳିଥାଏ। ପାଲା ସଂସ୍କୃତି ପ୍ରଥମେ ଲୋକସଂସ୍କୃତି ଏବଂ ତା'ର ବର୍ଗୀକରଣରେ ଲୋକନାଟକର ଏକ ଅଂଶ। ଏହି ବିଭାଗରେ ଏହା ବୋଧହୁଏ ସର୍ବୋତ୍ତମ ସାରସ୍ୱତ ପରିପ୍ରକାଶ, ସେହି କାରଣରୁ ସାଂପ୍ରତିକ ପରିସ୍ଥିତିରେ ପାଲା ସଂସ୍କୃତିର ଉତ୍ତରୋତ୍ତର, ଉନ୍ନତି, ଅଭିବୃଦ୍ଧି, ପ୍ରଚାରପ୍ରସାର ତଥା ଏହି କଳାକୁ ବଞ୍ଚାଇ ରଖିବାର ପ୍ରଚେଷ୍ଟା ସ୍ୱରୂପ ବିଭିନ୍ନ ସ୍ଥାନରେ ଆୟୋଜିତ 'ପାଲା ସମ୍ମିଳନୀ' ବାସ୍ତବିକ ଏକ ସାରସ୍ୱତ ମହାଯଜ୍ଞ।

## ସଙ୍ଗୀତପ୍ରଧାନ ପାଲା

ପାଲା ଗାୟକଙ୍କ ଭାଷାର ସରଳତା, ସାଙ୍ଗୀତିକତା, ରାଗରାଗିଣୀ, ଭିନ୍ନ ଶୈଳୀ ଏବଂ ଅଙ୍ଗଭଙ୍ଗୀ ସହିତ ଗାୟନ, ବାଦନ ଓ ନୃତ୍ୟର ରୋଚକପୂର୍ଣ୍ଣ ପରିବେଷଣ ଶ୍ରୋତା ଓ ଦର୍ଶକଙ୍କ ମଧ୍ୟରେ ବିଶେଷ ଆକର୍ଷଣ ସୃଷ୍ଟି କରିଥାଏ। ସମସ୍ତ ସାରସ୍ୱତ କଳା ମଧ୍ୟରେ 'ପାଲା'ର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି, ଏଥିରେ ଦ୍ୱିମତ ନାହିଁ। ପ୍ରଦର୍ଶନଶୀଳ ଲୋକକଳା ଅନ୍ତର୍ଗତ ପାଲା ହେଉଛି ସଙ୍ଗୀତପ୍ରଧାନ। ପାଲା ପରିବେଷଣ ଆରମ୍ଭରୁ ପଞ୍ଚ ଦେବତାଙ୍କୁ ସ୍ତୁତି କରାଯାଏ।

**ଗଣେ, ନାରାୟଣ, ରୁଦ୍ରେ, ଅମ୍ବିକେ, ଭାସ୍କର ତଥା**
**ଭିନ୍ନା ଭିନ୍ନ ନ କର୍ତ୍ତବ୍ୟଂ ପଞ୍ଚଦେବ ନମସ୍ତୁତେ।**

ପାଲା ଗାୟକମାନେ ସତ୍ୟ ନାରାୟଣ ପୀଠରେ ଚାମର ସେବା ପରେ ସର୍ବପ୍ରଥମେ ଏହି ସ୍ତୋତ୍ରଟି ପାଠ କରନ୍ତି। ବର୍ଷ ବର୍ଷ ଧରି ଓଡ଼ିଶାର ଜନଜୀବନ ଓ ସାଂସ୍କୃତିକ ଚେତନା ସହ ବାନ୍ଧି ହୋଇରହିଛି। 'ପାଲା ଲୋକସଂସ୍କୃତି ଯେହେତୁ ସମାଜର ଏକ ଗତିଶୀଳ ପ୍ରକ୍ରିୟା। ଏହା ପରମ୍ପରା ଓ ପ୍ରଗତିର ସଂବାହକ।

## ଶାସ୍ତ୍ରୀୟତା ଓ ଲୋକକଳାର ମିଶ୍ରଣ

ଶ୍ରୀଚୈତନ୍ୟଙ୍କ ରାନାଗୁମାଗୀ ଭକ୍ତିଭାବଧାରା ସହିତ ଖୋଳ ବା ମୃଦଙ୍ଗ ଓଡ଼ିଶାର ଜନଜୀବନ ଓ ଧର୍ମୀୟ ପରମ୍ପରାରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଓଡ଼ିଶୀ କୀର୍ତ୍ତନ, ନଦିଆ କୀର୍ତ୍ତନ ଓ ପାଲା ପ୍ରଭୃତି ପରିବେଷଣରେ ଏହା ଏକ ପ୍ରମୁଖ ବାଦ୍ୟ। କୃଷ୍ଣଲୀଳା, ରାମଲୀଳା ଓ ରାଧାପ୍ରେମଲୀଳା ଆଦି ଲୋକନାଟକଗୁଡ଼ିକରେ ମୃଦଙ୍ଗ ମୁଖ୍ୟ ତାଳବାଦ୍ୟ ଭାବରେ ବାଦନ କରାଯିବା ସଙ୍ଗେସଙ୍ଗେ ଓଡ଼ିଶୀ ସଙ୍ଗୀତ, ଛାନ୍ଦ, ଚମ୍ପୂ, ଭଜନ ଓ ଜଣାଣ ଆଦି ସହିତ ମୃଦଙ୍ଗ ବାଦିତ ହୋଇଥାଏ। ପାଲାରେ ମୁଖ୍ୟତଃ ମୃଦଙ୍ଗ, କରତାଳ (ଝାଞ୍ଜ) ଓ ଗିନି ବ୍ୟବହୃତ ହୋଇଥାଏ। ପାଲାକାରମାନେ ସାଧାରଣତଃ ଚତୁର୍ଗୁଣା ହୋଇଥାନ୍ତି। ଗାୟନ, ବାଦନ, ନୃତ୍ୟାଭିନୟ ସହ ସୁନ୍ଦର ବ୍ୟାଖ୍ୟା ମଧ୍ୟ କରିଥାନ୍ତି। ଏତଦ୍ ବ୍ୟତୀତ ସେମାନଙ୍କ ଶାସ୍ତ୍ରଜ୍ଞ ହେବା ସହ ସାହିତ୍ୟରେ ମଧ୍ୟ ପ୍ରବୀଣ ହୋଇଥାନ୍ତି। ଯେଉଁଥିରେ ଶାସ୍ତ୍ରୀୟତା ଓ ଲୋକକଳାର ସମନ୍ୱୟ ଦେଖିବାକୁ ମିଳିଥାଏ।

ପାଲାର ମୌଳିକ ସ୍ୱର ସବୁ ସ୍ୱରଠାରୁ ମୁଖ୍ୟତଃ ଆକର୍ଷଣୀୟ। ସାଧାରଣତଃ ଗାୟକ, ବାୟକ ଓ ପାଳିଆମାନଙ୍କୁ ନେଇ ପାଲା ପରିବେଷଣ କରାଯାଇଥାଏ। ପାଲା ଗାୟକଙ୍କର ସହଯୋଗୀମାନଙ୍କୁ ପାଳିଆ କୁହାଯାଏ। ଯଦିଓ ପାଲାରେ ଗାୟକଙ୍କ ଭୂମିକା ଅଧିକ, ତଥାପି ପ୍ରତ୍ୟେକ ବ୍ୟକ୍ତିଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଉତ୍କଳର ପୁରପଲ୍ଲୀଠାରୁ ସହର ପର୍ଯ୍ୟନ୍ତ ବିଶେଷ ଆଦୃତ ବିଦଗ୍ଧ ଲୋକକଳା ପାଲା। ଏହି କଳାର ସାଧକମାନେ ପାଲାର ଗୌରବକୁ ଅକ୍ଷୁଣ୍ଣ ରଖିବା ସହିତ ଏହା ମାଧ୍ୟମରେ ସାମାଜିକ ସଂସ୍କାର ଆଣିବା ଓ ପ୍ରାଚୀନ ପ୍ରଥା, ପରମ୍ପରାକୁ ବଜାୟ ରଖି ସାହିତ୍ୟ ଓ ସଙ୍ଗୀତର ପ୍ରସାର ନିମନ୍ତେ ସଦା ଚେଷ୍ଟିତ। ପାଲା ହେଉଛି ଓଡ଼ିଶାର ଏକ ପ୍ରମୁଖ କଳା।

ପାଲା କାର୍ଯ୍ୟକ୍ରମରେ ଗାୟକମାନେ ସତ୍ୟନାରାୟଣଙ୍କ ପୀଠରେ ଚାମର ସେବା କରିବାରେ ପର୍ଯ୍ୟାୟକ୍ରମେ ପଞ୍ଚ ଦେବତାଙ୍କ ବନ୍ଦନା, ମନଶିକ୍ଷା ମୂଳକ ସଙ୍ଗୀତ, ଆଶୀର୍ବାଦାତ୍ମକ ମଙ୍ଗଳାଚରଣ, ବିଭିନ୍ନ ପ୍ରତିଷ୍ଠିତ ସଂସ୍କୃତ କବିମାନଙ୍କ ଦ୍ୱାରା ଲିଖିତ ନଗର, ଅରଣ୍ୟ, ସନ୍ଧ୍ୟା, ପ୍ରଭାତ, ଋତୁ, ନାୟକ ଓ ନାୟିକାମାନଙ୍କ ସୌନ୍ଦର୍ଯ୍ୟ ତଥା ସେମାନଙ୍କ ମିଳନ ଓ ବିଚ୍ଛେଦାତ୍ମକ ବର୍ଣ୍ଣନା କରନ୍ତି। ଏଥିସହ ଓଡ଼ିଆ ରୀତି ସାହିତ୍ୟର କାବ୍ୟକୁ ତୁଳନାତ୍ମକ ଭାବେ ବ୍ୟାଖ୍ୟା କରିଥାନ୍ତି। ଆମ ଓଡ଼ିଶାର ପାଲା ଗାୟକମାନେ ଜଣାଣ, ଭଜନ, ଚଉପଦୀ, ଉପମା, ଅନୁପ୍ରାସ ଆଦି ପ୍ରସଙ୍ଗକୁ ପ୍ରାଧାନ୍ୟ ଦେଇଥାନ୍ତି। ଏଥିପାଇଁ ସେମାନେ ବହୁଳ ଭାବେ ଭଞ୍ଜ ସାହିତ୍ୟ, ମେହେର ସାହିତ୍ୟ ସହ ବିଶିଷ୍ଟ କବି ଯଦୁମଣି ମହାପାତ୍ର, ଗୋପାଳକୃଷ୍ଣ, ଦୀନକୃଷ୍ଣ, ଅଭିମନ୍ୟୁ ସାମନ୍ତସିଂହାର ପ୍ରମୁଖଙ୍କ ରଚିତ କାବ୍ୟକୁ ପାଲାର ପରିବେଷଣ କରିଥାନ୍ତି। ପାଲା ମାଧ୍ୟମରେ ପାଲାକାରମାନେ ପଞ୍ଚ ଦେବତାଙ୍କ ବନ୍ଦନା ଓ ଷୋଳ ପାଲାରେ ଗାୟକମାନେ ସାଂପ୍ରଦାୟିକ ସଦ୍‌ଭାବନା ସୃଷ୍ଟି ନିମନ୍ତେ ଗୀତ, ବାଦ୍ୟ, ନୃତ୍ୟ ଓ ଅଭିନୟ ପ୍ରଦର୍ଶନ କରି ଜନମାନସରେ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଚେତନା ଉଜ୍ଜୀବିତ କରି ଆସିଛନ୍ତି।

## ପାଲାରେ ମଙ୍ଗଳାଚରଣ

ପାଲାରେ କୌଣସି ବିଷୟରେ ଉପସ୍ଥାପନା ପୂର୍ବରୁ ଗାୟକ ମଙ୍ଗଳାଚରଣ ଗାନ କରିଥାନ୍ତି। ସାଧାରଣ ଜନତା ହୁଅନ୍ତୁ କି ବୁଦ୍ଧିଜୀବୀ ହୁଅନ୍ତୁ, କିଛିକ୍ଷଣ ହେଲେ ବି ଏହି ସମୟରେ ନିଜର ବ୍ୟକ୍ତିଗତ ଚିନ୍ତାଚେତନାକୁ ଭୁଲି ଯାଇ ଗାୟକଙ୍କ ଭକ୍ତିପୂର୍ଣ୍ଣ ଉପସ୍ଥାପନା ପ୍ରତି ସ୍ୱତଃ ମନୋନିବେଶ କରନ୍ତି। ଫଳରେ ଶ୍ରୋତାଙ୍କ ମନ ସାହିତ୍ୟର ନିର୍ଦ୍ଦେଶିତ ବିଶ୍ଳେଷଣାତ୍ମ୍ ଦିଗ ପ୍ରତି ଆକୃଷ୍ଟ ହୋଇଉଠେ। ଏହାପରେ ବିଷୟବସ୍ତୁର ଉପସ୍ଥାପନା ପର୍ବ ଆରମ୍ଭ ହୁଏ। ମଙ୍ଗଳାଚରଣ ଆଲୋଚନା ବେଳେ ଗାୟକ ଯେଉଁ ଦେବଦେବୀଙ୍କୁ ଆଣନ୍ତୁ ନାଁ କାହିଁକି ସେଥିରେ ସମାଜ, ଧର୍ମ, ବିବର୍ତ୍ତନ ଓ ସଂସ୍କାର ପାଇଁ କେତେକ ସୂଚନା ଦେଇଥାନ୍ତି।

ପାଲାରେ ବିଷୟବସ୍ତୁର ଆଲୋଚନା ବେଳେ ସମାଜର ପ୍ରତ୍ୟେକ ବର୍ଗର ଜୀବନଚର୍ଯ୍ୟାକୁ ଆଲୋଚନା ପରିସରଭୁକ୍ତ କରାଯାଇଥାଏ। ଉଦାହରଣ ସ୍ୱରୂପ: -

**ପ୍ରଣୟିନୀ ରୀତି ନ ଦେଖଲେ କାନ୍ଦେ,**
**ଦେଖିଲେ ନ କହେ କଥା।**
**କୋଟିନିଧି ଯାକୁ ମଣୁଥାଇ ହୃଦେ**
**ତା' ପଣେ ନ ଟେକେ ମଥା।**
(ଶର୍ମିଷ୍ଠା : ନନ୍ଦକିଶୋର ବଳ)

ଗାୟକ ଏଥିରେ ପ୍ରେମର ଏକ ମହନୀୟ ବିଭାବକୁ ଉପସ୍ଥାପନା କରାଇ ମନସ୍ତତ୍ତ୍ୱର ଗାମ୍ଭୀର୍ଯ୍ୟକୁ ଉପସ୍ଥାପନ କରିଥାଏ। ଯଥା:-



**ଜୀବନେ ନ ପାରିଲେ ମୋତେ ମରଣେ**
**ସେବିକା କରିଦେବ ପ୍ରଭୁ ଚରଣେ**
**ମୋ ତନୁ ଦଗ୍ଧ ହେଲେ ହେବ ତ ଖାର**
**ତାହାକୁ କରାଇବ ପାଦପେ ସାର,**
**ସେ ତରୁ କାଷ୍ ଦେଇ ବର୍ଦ୍ଧକୀ ହସ୍ତେ**
**କରାଇ ଦେବ ପ୍ରଭୁ ପାଦୁକା ମୋତେ ।**

(ତପସ୍ୱିନୀ: ଗଙ୍ଗାଧର ମେହେର)

କେବଳ ପ୍ରେମ ନୁହେଁ, ବୀରତ୍ୱ, ଅହଂକାର, ସେବା, ତ୍ୟାଗ, ଦେଶପ୍ରେମ ଆଦିର ଉଦାହରଣ ଦେବାବେଳେ ମଧ୍ୟ ଗାୟକ ମନସ୍ତତ୍ତ୍ୱକୁ ଉପସ୍ଥାପନ କରିବାରେ ଆମ ସାହିତ୍ୟରେ ଯେତିକି ସଂପଦ ଭରି ରହିଛି, ତାହାକୁ ଆଧାର କରି ଗାୟକମାନେ ପାଲାର ପରିବେଷଣ କରିଥାନ୍ତି । ଗାୟକ ସମାଜତତ୍ତ୍ୱର ଉପସ୍ଥାପନ ସହିତ ଆତ୍ମତତ୍ତ୍ୱର ଉପସ୍ଥାପନ ପୂର୍ବକ ଶ୍ରୋତାଙ୍କୁ ଶୁଣାଇଥାଏ-

**ଯେ ପ୍ରାଣୀ ଲୋକତତ୍ତ୍ୱ ଜାଣେ**
**ମୋର ମହିମା ପରିମାଣେ**
**ଜ୍ଞାନ ବୁଝଇ ଧୀର ପଣେ**
**ଆତ୍ମା ସମାଧି ଆଚରଣେ**
**ଆତ୍ମା କୁଶଳେ ସର୍ବସିଦ୍ଧି**
**ତରଇ ସଂସାର ଜଳଧି**

(ଭାଗବତ ୧୦ମ ଅଧ୍ୟାୟ)

ପାଲାର କେବଳ ଶବ୍ଦତତ୍ତ୍ୱ ବା ଆଲଙ୍କାରିକ ପ୍ରୌଢ଼ି ନୁହେଁ, ବରଂ ପ୍ରତ୍ୟେକ ଚରିତ୍ରର ମନସ୍ତତ୍ତ୍ୱକୁ ସୂକ୍ଷ୍ମ ଭାବେ ଉପସ୍ଥାପନ କରିବା ସମ୍ଭବ ହୋଇଥାଏ । ସାମାଜିକ ଶୃଙ୍ଖଳା ଦୃଷ୍ଟିରୁ ରାଜା ଓ ରାଜ୍ୟ କେତେ ସମାଜମୁଖୀ ହେବା ବାଞ୍ଛନୀୟ । ଏହାର ଉଦାହରଣ ସ୍ୱରୂପ ଗାୟ ଉପସ୍ଥାପନ କରନ୍ତି । ଯଥା-

**ଗୋଚର ଅଛି ନାହିଁରେ ଚଉର ଶବ୍ଦ ଶ୍ରୁତିରେ**
**ଗୋଚର ନାହିଁ ଚଉର ଶବ୍ଦ ଶ୍ରୁତିରେ**
**ଗୋଟିଏ ବିଟପୀ ନାହିଁ**
**ବହୁ ବିଟପୀରେ ନୋହି**
**ମଧୁପଛନ୍ତି ମଧୁପ ନାହିଁ ଯହିଁରେ**
**ଗଣିକାରେ ଲମ୍ପଟ ନାହିଁ**
**ଗଣିକା ଶିରମଣ୍ଡନ ହୁଅନ୍ତି ନାହିଁ ।** (ଉପେନ୍ଦ୍ର ଭଞ୍ଜ)

ପାଲାରେ ପୂର୍ବେ ଚରିତ ପ୍ରଖ୍ୟାପନ ମୁଖ୍ୟ ଥିଲେ ବି ସମାଜ ସଂସ୍କାରକୁ ଗ୍ରହଣ କରାଯାଉଥିଲା । ବର୍ତ୍ତମାନ ସାମାଜିକ ପ୍ରଗତିରୁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା । ସମାଜର ପ୍ରତ୍ୟେକ ବ୍ୟକ୍ତି ସାହିତ୍ୟରେ ଖୋଜୁଛି ବିଜ୍ଞାନର ଜୟଯାତ୍ରା କିନ୍ତୁ ପାଲାର ସାଙ୍ଗୀତିକତା ଦୃଷ୍ଟିରୁ ପାଲାରେ ଏହାର ତର୍କଣା ଅଧିକ ଉପଭୋଗ୍ୟ ହୋଇପାରିଛି । ଗାୟକ ମୁଖରୁ ଯେତେବେଳେ ନିଃସୃତ ହେଉଛି : - "ଧୂମଜ୍ୟୋତିଃ ସଲିଳମରୁତାଂ ସନ୍ନିପାତକମେଘଃ" (କାଳିଦାସ) ସେତେବେଳେ ବିଜ୍ଞାନର ଉଦ୍‌ଜାନ ଓ ଅମ୍ଳଜାନ ସୂତ୍ରଠାରୁ ଅଧିକ ପ୍ରସାରିତ କରେ ଗାୟକ ଧୂମ, ଜ୍ୟୋତି, ମରୁତର ଉପସ୍ଥାପନାରେ ମେଘର ସଂଚରଣକୁ ଦର୍ଶାଇ ପାରିଛି । ଶ୍ରୀକୃଷ୍ଣଙ୍କର ଭାରଦଣ୍ଡ ନିୟମାନୁସାରେ ଗିରିଗୋବର୍ଦ୍ଧନ ଧାରଣ ଆଦିକୁ ମଧ୍ୟ ଗାୟକ ବୁଦ୍ଧିମତ୍ତା ସହ ଉପସ୍ଥାପନା କରିଛନ୍ତି । ପୁନଶ୍ଚ ଗାନ୍ଧାରୀଙ୍କର ଶତପୁତ୍ରକୁ ଗୋଟିଏ ପିଣ୍ଡୁଳାରେ ଧାରଣ କରିବା, ବଳରାମଙ୍କୁ ଦେବକୀଙ୍କ ଗର୍ଭରୁ ରୋହିଣୀଙ୍କ ଗର୍ଭକୁ ସ୍ଥାନାନ୍ତରିତ କରିବା କ୍ଷେତ୍ରରେ ବୈଜ୍ଞାନିକମାନଙ୍କର ଗବେଷଣାକୁ ପୁରାଣ କଥାରୁ ଗାୟକମାନେ ଖୁବ୍ ସାବଲୀଳ ମନୋରଞ୍ଜନଧର୍ମୀ ଭାବେ ଉପସ୍ଥାପନା କରିଥାନ୍ତି । ଉଦାହରଣ ସ୍ୱରୂପ :-

**ଦୁର୍ଗାକୁ ନିକଟେ ବସାଇ**
**କହନ୍ତି ପ୍ରଭୁ ଭାବଗ୍ରାହୀ**
**ବସୁଦେବଙ୍କୁ ଯେତେବେଳେ**
**ଧରି ଆଣିଲେ କଂସବଳେ**
**ତାହାର ପତ୍ନୀ ନନ୍ଦ ଘରେ**
**ଯାଇ ଲୁଚିଲା କଂସ ଡରେ**
**ରୋହିଣୀ ନାମେ ବିଦ୍ୟମାନ**
**ତାହାର ଗର୍ଭ ଅଛି ଶୂନ୍ୟ**
**ଦେବକୀ ଦେବୀ ନିଦ୍ରା କାଳେ**
**ଗର୍ଭ ହରିବୁ ଯୋଗବଳେ**
**ମିଳିବୁ ନନ୍ଦ ଘରେ ଯାଇ**
**ରୋହିଣୀ ଗର୍ଭେ ତାହା ଥୋଇ**
**ଜନ୍ମିବୁ ଯଶୋଦା ଉଦରେ**
**ମୁଁ ପୁଣି ଯିବି ମଂଚ ପୁରେ ।**





ଏହିପରି ଭାବେ ଚରିତ ଗାଥା ଭିତରେ ପାଲାରେ ଗାୟକ ବିଜ୍ଞାନର ବୁଦ୍ଧିବାଦକୁ ଅଧିକ ଜୀବନ୍ତ କରିଥାଏ । କୌଣସି ବୌଦ୍ଧିକ ବିକାଶ ପାଇଁ ପାଲାର ସାଙ୍ଗୀତିକତା ମାଧ୍ୟମରେ ବଚନବଦ୍ଧତା ରହିଛି । ଆମ ସମାଜରେ ପ୍ରଚଳିତ ଆଇନ, କ୍ରୀଡ଼ା, ପର୍ବପର୍ବାଣିଠାରୁ ପ୍ରଯୁକ୍ତିବିଦ୍ୟା ପର୍ଯ୍ୟନ୍ତ ପାଲା ସମସ୍ତ ଦିଗକୁ ସ୍ପର୍ଶ କରି ଆଗେଇ ଚାଲିଛି । ପାଲା ଆଉ ଆଞ୍ଚଳିକ ସୀମାବଦ୍ଧ ହୋଇ ରହିନାହିଁ । ଏହା ପାଲାକାରମାନଙ୍କର ପ୍ରଚେଷ୍ଟାରେ ଯୁଗୋପଯୋଗୀ ହେବା ସହ ଲୋକଙ୍କ ରୁଚି ଅନୁସାରେ ନୂତନ ଭାବ, ଶୈଳୀ ମାଧ୍ୟମରେ ଆକର୍ଷଣୀୟ ହେବା ସହ ସୁଦୂର ପ୍ରସାରୀ ହୋଇପାରିଛି । ଏହାର ମୁଖ୍ୟ ଉପାଦାନ ହେଉଛି ପାଲାର ସାଙ୍ଗୀତିକତା । ପାଲାରେ ଯେଉଁ ଚରିତ ଆଲୋଚନା କରାଯାଉ ପଛକେ ପ୍ରକୃତି, ନାରୀ, ଦେଶ ଓ ଚରିତ୍ର ଚିତ୍ରଣ ସହିତ ବୁଦ୍ଧିବାଦର ସଂଶ୍ଳେଷଣ କରାଯାଇଥାଏ ।

**ବିଷ୍ଣୁପଦୀ ବିଷ୍ଣୁପଦ**
**ଇକାର ଭେଦ ଶବଦ**
**ତରଣୀର ଗତାଗତ**
**ତହିଁ ଉଚିତ**
**ବିଷାରଦ ସେ ସାମନ୍ତ**
**ମଉରେ ଦାସ ସେବିତ**
**ଡାକ ନ ଶୁଣନ୍ତେ**
**ରଘୁନାଥ କଥିତ**
**ବିଷଧର ପ୍ରାୟେକ ତୁରେ**
**ବେଲୁ ନେତ୍ର ଢାଳି ଶୁଣ**
**ଉଦାର ନୋହି ।** ବୈଦେହୀଶ ବିଳାସ (ରାଗଚୋଖୀ)

ପାଲା ଏକ ରସପୂର୍ଣ୍ଣ ଓ ମିଶ୍ରିତ କଳା । ଏଥିରେ ମୁଖ୍ୟତଃ ଧର୍ମ, ସାହିତ୍ୟ ଓ ସଙ୍ଗୀତ ଚର୍ଚ୍ଚା ହେଉଥିଲେ ମଧ୍ୟ ରସ ପରିବେଷଣ ଉପରେ ଅଧିକ ଗୁରୁତ୍ୱାରୋପ କରାଯାଏ । ପାଲା ଗାୟକ ନିଜର ଆଲୋଚ୍ୟ ପ୍ରସଙ୍ଗ କ୍ରମେ ବିଭିନ୍ନ ଚରିତ୍ରର ଅବତାରଣା ପୂର୍ବକ ଭଲ କାର୍ଯ୍ୟ ଦ୍ୱାରା ଜନପ୍ରିୟ, ସୁଖ୍ୟାତି ଅର୍ଜନ ଓ ମନ୍ଦକାର୍ଯ୍ୟ ପାଇଁ ଲୋକନିନ୍ଦା ତଥା ଅପଖ୍ୟାତି ଲାଭ ସମ୍ବନ୍ଧରେ ଶ୍ରୋତାମାନଙ୍କୁ ଉପଯୁକ୍ତ ମାର୍ଗଦର୍ଶନ ନିମନ୍ତେ ସଚେତନ କରାଇଥାନ୍ତି । ପୁଣି ଉତ୍କଳୀୟ କବି, ଲେଖକ ଓ ପାଲାଗାୟକମାନେ ଓଡ଼ିଆ ଭାଷା ଓ ସାହିତ୍ୟର ଜଣେ ଜଣେ ଜାଗ୍ରତ ପ୍ରହରୀ ଅଟନ୍ତି ।

ପାଲାର ସାଙ୍ଗୀତିକତା ହିଁ ପାଲା ପରିବେଷଣର ଏକ ବଳିଷ୍ଠ ମାଧ୍ୟମ କହିଲେ ଅତ୍ୟୁକ୍ତି ହେବ ନାହିଁ । ଆଜି ଆଧୁନିକ ଯୁଗରେ ମଧ୍ୟ ଏହି କଳାକୁ ବିଶେଷ ଭାବରେ ବଞ୍ଚାଇ ରଖିବାର ପ୍ରୟାସ ଜାରି ରହିଛି । ଉତ୍କଳୀୟ ପାଲା ଏକ ମର୍ଯ୍ୟାଦାବନ୍ତ କଳା ଭାବରେ ସ୍ୱତନ୍ତ୍ର ଆସନ ଅଧିକାର କରିଛି । ଉଚ୍ଚଶିକ୍ଷାଠାରୁ ଅଳ୍ପଶିକ୍ଷିତ ପର୍ଯ୍ୟନ୍ତ ଯେକୌଣସି ବ୍ୟକ୍ତି ଜାତି, ଧର୍ମ, ବର୍ଣ୍ଣ ଓ ଲିଙ୍ଗ ନିର୍ବିଶେଷରେ ଏହି ପାଲା କଳାକୁ ପରିବେଷଣ କରିପାରିବେ । ସୁଖର କଥା ଏବେ ମହିଳାମାନେ ମଧ୍ୟ ପାଲା ଗାୟିକା ଭାବେ ଅବତୀର୍ଣ୍ଣ । ଜଣେ ସଫଳ ପାଲାକାର ଭାବେ ପ୍ରତିଷ୍ଠିତ ହେବା ପାଇଁ ପ୍ରଖର ସ୍ମୃତିଶକ୍ତି, ନିରବଚ୍ଛିନ୍ନ ଅଧ୍ୟୟନ ଓ ଅଭ୍ୟାସ ସହ ସୁମଧୁର କଣ୍ଠସ୍ୱର, ତାଳ, ଲୟ, ବାକ୍ ଚାତୁରୀ, ରସାନୁବର୍ତ୍ତୀ ସ୍ୱର ସଂଯୋଜନା, ଶାସ୍ତ୍ର ଜ୍ଞାନ, ପ୍ରତ୍ୟୁତ୍ପନ୍ନମତି ସଂପନ୍ନ ଭାବ ପ୍ରବଣତା, ପାଲା ସୁଲଭ ଅଙ୍ଗଭଙ୍ଗୀ, ଅଭିନୟ ଏବଂ ନୃତ୍ୟ ଆଦିର ଆବଶ୍ୟକତା ରହିଛି । ଏତଦ୍‌ବ୍ୟତୀତ ସରସ, ସୁନ୍ଦର ପାଲା ତଥା ଜନାଦୃତ ପାଲା ପରିବେଷଣ ନିମନ୍ତେ ଗାୟକ, ବାୟକ ଓ ପାଳିଆମାନଙ୍କର ମଧ୍ୟ ଯଥେଷ୍ଟ ଭୂମିକା ରହିଥାଏ । ଜନମାନସରେ ରହିଆସିଥିବା ବିଭିନ୍ନ ପ୍ରକାରର ଅନ୍ଧବିଶ୍ୱାସ ଓ କୁସଂସ୍କାରର ବିଲୋପ ସାଧନ ସହ ମାନବୀୟ କର୍ତ୍ତବ୍ୟ ସମ୍ପାଦନର ଶିକ୍ଷାଦେଇ ଏକ ସଂସ୍କାରିତ ସୁସ୍ଥ, ଶୃଙ୍ଖଳିତ ସମାଜ ଗଠନରେ ପାଲା ଯଥେଷ୍ଟ ସହାୟକ ହୋଇଥାଏ । ■

ଅବସରପ୍ରାପ୍ତ ପ୍ରଶାସିକା, ବରଗଡ଼, ମୋ: ୯୮୬୧୧୪୦୬୪୭

**ମହିଳାମାନେ ସମ୍ପ୍ରତି ସବୁ କ୍ଷେତ୍ରରେ ଆଗକୁ ବଢ଼ିଲେଣି । ଏପରିକି ବିଭିନ୍ନ କ୍ଷେତ୍ରରେ ସେମାନେ ପୁରୁଷଙ୍କୁ ମଧ୍ୟ ପଛରେ ପକାଇବାରେ ସଫଳ ହୋଇଛନ୍ତି । ଚାଷ କାମଠାରୁ ଆରମ୍ଭ କରି ମହାକାଶ ଯାତ୍ରା ହେଉ କି କ୍ରୀଡ଼ା, ବିଜ୍ଞାନ ସବୁ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରିଥିବା ଆଜିର ନାରୀ ପାଲା ସଂସ୍କୃତିରୁ ବାଦ୍ ପଡ଼ି ନାହାନ୍ତି । ଉତ୍କଳୀୟ ପରମ୍ପରା ଓ ସଂସ୍କୃତିରେ ପାଲାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଥିରେ କେବଳ ପୁରୁଷ ନୁହଁନ୍ତି, ମହିଳାମାନେ ସାମିଲ ହୋଇଛନ୍ତି । ଏହି ପରମ୍ପରା ବଞ୍ଚାଇବାକୁ ଏବେ ମହିଳା ପାଲା ଗାୟିକା ଅଧିକ ସଂଖ୍ୟାରେ ଆଗେଇ ଆସିଲେଣି ।**

ସଂପୂର୍ଣ୍ଣା ଦାସ

# ବଢୁଛି ମହିଳା ପାଲାର ଆଦର



## ପାଲାରେ ନାରୀଙ୍କ ସଂଖ୍ୟା ବୃଦ୍ଧି

ପାଲାରେ ଏବେ ଆଧୁନିକତାର ଧାରା ଦେଖିବାକୁ ମିଳୁଛି । ଗାୟନ ଶୈଳୀରେ ପରିବର୍ତ୍ତନ ଆସିବା ସହ ଅନେକ ଏହି କଳାରୁ ମୁହଁ ଫେରାଉଛନ୍ତି । ତେବେ ଲୋପ ପାଇବାକୁ ଯାଉଥିବା ଏହି କଳାକୁ କେବଳ ସାହିତ୍ୟପ୍ରେମୀ ହିଁ ବଞ୍ଚାଇ ରଖିଛନ୍ତି ବୋଲି ଗାୟକମାନେ କହନ୍ତି । ସେହିପରି ବର୍ତ୍ତମାନ ସମୟରେ ପାଲା କଳାରେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳୁଛି । କାରଣ ଆଗରୁ ଝିଅମାନଙ୍କୁ ପାଲା ଗାଇବାକୁ ସୁଯୋଗ ମିଳୁ ନ ଥିଲା । ପାଲାରେ ଗାଇବାକୁ କେବଳ ପୁଅମାନଙ୍କୁ ହିଁ ଅନୁମତି ମିଳୁଥିଲା । ସେହିପରି ପାଲା କହିଲେ ଆପଣା ଛାଏଁ କେବଳ ପୁରୁଷଙ୍କ ମୁହଁ ସାମ୍ନାକୁ ଆସେ । କାରଣ ପାଲା କେବଳ ପୁରୁଷଙ୍କ ଦ୍ୱାରା ସମ୍ଭବ ବୋଲି ଚିନ୍ତା କରାଯାଉଥିଲା । ତେବେ ସମୟ ସହିତ ପାଲାରେ ମହିଳାଙ୍କ ଉପସ୍ଥିତି ଦେଖା ଦେଇଛି । କେବଳ ସେତିକି ନୁହେଁ, ସେମାନେ ଏଥିରେ ନିଜର ପାରିଦର୍ଶିତା କେବଳ ଦେଖାଉ ନାହାନ୍ତି, ବରଂ ପୁରୁଷଙ୍କ ତୁଳନାରେ ବେଶ୍ ଆଗରେ ଅଛନ୍ତି । ବିଭିନ୍ନ ଗାଁରେ ମହିଳା ପାଲାଦଳ ଗଠନ କରାଯାଉଛି । ଏଥିରେ ଗାୟିକା, ପାଳିଆ ଭୂମିକାରେ ମହିଳାମାନେ ହିଁ ଅଗ୍ରଣୀ ଭୂମିକା ନିର୍ବାହ କରୁଛନ୍ତି । ଧୀରେ ଧୀରେ ପାଲା ପ୍ରତି ନାରୀମାନଙ୍କ ଆଗ୍ରହ ବୃଦ୍ଧି ପାଇବାରେ ଲାଗିଛି । ଲୋକମାନେ ମଧ୍ୟ ମହିଳା ପାଲା ଦେଖିବାକୁ ବେଶ୍ ପସନ୍ଦ କରୁଛନ୍ତି ।





### "ପାଲାରେ ମହିଳାମାନେ ଭଲ ପ୍ରଦର୍ଶନ କରୁଛନ୍ତି"

ମୁଁ ୧୫ ବର୍ଷ ଧରି ପାଲା କରୁଛି । ତେବେ ୨୦୦୦ ମସିହା ପରଠାରୁ ହିଁ ପାଲାରେ ପରିବର୍ତ୍ତନ ଆସିଛି ବୋଲି କୁହାଯାଇପାରିବ । ସେହି ବର୍ଷଠାରୁ ଝିଅମାନେ ପାଲା ଗାଇବା ଆରମ୍ଭ କଲେ । ଏବେ ଏହି କ୍ଷେତ୍ରରେ ଝିଅମାନଙ୍କ ସଂଖ୍ୟା ୨୦୦ରେ ପହଞ୍ଚିଲାଣି । କେବଳ ସେତିକି ନୁହେଁ, ବିଭିନ୍ନ ପାଲାରେ ଛୋଟ ବଡ଼ ଦଳରେ ଝିଅମାନଙ୍କୁ ସାମିଲ କରାଯାଇ ସେମାନଙ୍କୁ ପାଲା ଗାଇବାକୁ ସୁଯୋଗ ଦିଆଯାଉଛି । ଏହା ସହ ପୁରୁଷ ଓ ମହିଳା ଗାୟକଙ୍କୁ ସମାନ ପ୍ରାପ୍ୟ ମଧ୍ୟ ମିଳୁଛି । ତେବେ ପାଲା ସଂସ୍କୃତିକୁ ପୁରୁଷମାନେ ହିଁ ବଞ୍ଚାଇ ରଖିବେ, ଏକଥା ଭାବିବା ଭୁଲ୍ । ପୁରୁଷଙ୍କ ପରି ଅନେକ ମହିଳା ଏବେ ପାଲା ଗାଉଛନ୍ତି ଏବଂ ଏଥିରେ ଭଲ ପ୍ରଦର୍ଶନ ମଧ୍ୟ କରୁଛନ୍ତି । ■

- ପ୍ରଜ୍ଞା ରାଉତ
ପାଲା ଗାୟିକା



### "ପୁଅଙ୍କ ତୁଳନାରେ ଝିଅମାନେ ଭଲ ପାଲା ଗାଉଛନ୍ତି "

ମୁଁ ୪୭ ବର୍ଷ ଧରି ପାଲା ଗାୟନ କରୁଛି । ୧୦ ରୁ ୧୫ ବର୍ଷ ପୂର୍ବେ ଲୋକମାନେ ମୁଖ୍ୟତଃ ପାଲା ଦେଖିବାକୁ ଆଗ୍ରହ ପ୍ରକାଶ କରୁଥିଲେ । ଏବେ ଆଗଭଳି ଏହା ଦେଖିବାକୁ ମିଳୁ ନାହିଁ । ଅବଶ୍ୟ କିଛି ଶିକ୍ଷିତ ଏବଂ ବୟସ୍କ ଲୋକ ହିଁ ପାଲା ଦେଖିବାକୁ ପସନ୍ଦ କରୁଛନ୍ତି । ଆଗରୁ ଝିଅମାନଙ୍କୁ ପାଲା ଗାଇବା ପାଇଁ ଅନୁମତି ଦିଆଯାଉ ନଥିଲା, ମାତ୍ର ଏବେ ପୁଅଙ୍କ ତୁଳନାରେ ଝିଅମନେ ଭଲ ଗାଇ ପାରୁଛନ୍ତି । ତା'ସହ ଏଥିରେ ସେମାନେ ଭବିଷ୍ୟତ ଗଢି ପାରୁଛନ୍ତି | ■

- ଶ୍ୟାମ ସୁନ୍ଦର ତ୍ରିପାଠୀ
ପାଲା ଗାୟକ



### "ଝିଅମାନେ ପାଲା ଗାଇବାରେ ଆଗକୁ ବଢ଼ିଲେଣି"

ମୁଁ ୩୭ ବର୍ଷ ଧରି ପାଲା ଗାଉଛି । ମୋ ମତରେ ବର୍ତ୍ତମାନର ଯୁବପିଢ଼ି କେହି ସାହିତ୍ୟ ପ୍ରତି ଆଗ୍ରହୀ ନୁହନ୍ତି । ସେଥିପାଇଁ କେଉଁଠି ନା କେଉଁଠି ଏହା ହଜିଯାଉଛି । ସେମାନେ ଆଧୁନିକ ସଭ୍ୟତାକୁ ଆପଣେଇ ସାହିତ୍ୟକୁ ନିଜଠୁ ଦୂରେଇ ଦେଉଛନ୍ତି । ତେଣୁ ଏହା ଏକ ପ୍ରମୁଖ କାରଣ ବୋଲି ଆମେ କହିପାରିବା । କାରଣ ପାଲା ଏବଂ ଓଡ଼ିଆ କାବ୍ୟ କବିତା ତଥା ଲୋକପଦୀ ମାଧ୍ୟମରେ ହିଁ ପାଲା ଲୋକଙ୍କ ପାଖରେ ପହଞ୍ଚିଥାଏ । ଏ ଭିତରେ ଏକ ପରିବର୍ତ୍ତନ ମଧ୍ୟ ଆସିଛି କି ଝିଅମାନେ ପାଲା ଗାଇବାରେ ଆଗେଇଲେଣି । ଯାହାକି ଆଗାମୀ ଦିନ ପାଇଁ ଭଲ । ଯୁବପିଢ଼ି ଏ ଦିଗରେ ଆଗ୍ରହୀ ହୋଇ ଭଲ ପ୍ରଦର୍ଶନ କଲେ, ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ରହିବ ।■

-ପ୍ରଫୁଲ୍ଲ ଦାଶ
ପାଲା ଗାୟକ

# ପାଲା ଜଗତର ମହାରଥୀ

ଗାୟକ ହିଁ ପାଲାର ମୁଖ୍ୟ ଆକର୍ଷକ । ଗାୟକଙ୍କ ସୁଲଳିତ କଣ୍ଠରେ ପାଲା ଗାୟନ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥାଏ । ପାଲା ଗାୟକ କେତେବେଳେ ଦର୍ଶକଙ୍କୁ କନ୍ଦାଇ ପକାନ୍ତି ତ ପୁଣି କେତେବେଳେ ଦର୍ଶକଙ୍କୁ ହସାଇ ହସାଇ ବେଦମ୍ କରନ୍ତି । ଗାୟକଙ୍କ ଭାବ ବିଭୋର ଗୀତ ଗାଇ ଓ ଅଭିନୟ କରି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦର୍ଶକ ବା ଶ୍ରୋତାମଣ୍ଡଳୀଙ୍କୁ ବାନ୍ଧି ରଖିଥାଆନ୍ତି । ପ୍ରତ୍ୟେକ ପାଲା ଗାୟକଙ୍କ କିଛି ନା କିଛି ବିଶେଷତ୍ୱ ରହିଛି । ଊନବିଂଶ ଶତାବ୍ଦୀ ଓ ବିଂଶ ଶତାବ୍ଦୀରେ ଓଡ଼ିଶାର ଯେଉଁ କେତେଜଣ ବିଶିଷ୍ଟ ଗାୟକ ପାଲାକୁ ଉଚ୍ଚସୋପାନକୁ ଉତ୍ତୋଳିତ କରି ନେଇଛନ୍ତି, ନୂଆ ଦିଗ ଦେଇଛନ୍ତି, ସେମାନଙ୍କ ମଧ୍ୟରୁ ପ୍ରମୁଖ ଗାୟନାଚାର୍ଯ୍ୟଙ୍କୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।



ବିପ୍ଳବ ସମ୍ବିତ କୁମାର



## ବଜ୍ର ଗମ୍ଭୀର କଣ୍ଠସ୍ୱରର ଗାୟକ

### ନିରଞ୍ଜନ କର

ପୂର୍ବରୁ ପାଲା ଥିଲା ଭିନ୍ନ ଏକ ରୂପରେ, କିନ୍ତୁ ଗାୟକ ରତ୍ନ ହରି ନାଥଙ୍କ ସହ ମିଶି ଗାୟକ ଶିରୋମଣି ନିରଞ୍ଜନ କର ପାଲାକୁ ବର୍ତ୍ତମାନର ରୂପ ଦେଇଥିଲେ । ସେ ଥିଲେ ଅତ୍ୟନ୍ତ ପ୍ରତ୍ୟୁତ୍ପନ୍ନମତି ସଂପନ୍ନ ଓ ଆଶୁ କବି । ତାଙ୍କ ବଜ୍ର ଗମ୍ଭୀର କଣ୍ଠସ୍ୱର ଦର୍ଶକଙ୍କୁ ପାଲା ଶେଷ ପର୍ଯ୍ୟନ୍ତ ବାନ୍ଧି ରଖୁଥିଲା । ସେ ପାଲାକୁ ସାଧାରଣ ଲୋକଙ୍କଠାରୁ ନେଇ ବୁଦ୍ଧିଜୀବୀଙ୍କ ପାଖରେ ପହଞ୍ଚାଇଥିଲେ । ୧୯୧୧ ମସିହାରେ ବର୍ତ୍ତମାନର କେନ୍ଦ୍ରାପଡ଼ା ଜିଲ୍ଲାର ଦେଶପୁର ଗ୍ରାମରେ ନିରଞ୍ଜନ କର ଜନ୍ମଲାଭ କରିଥିଲେ ।





## ରସପୂର୍ଣ୍ଣ ଗାୟକ

### ହରେକୃଷ୍ଣ ନାଥ

ପାଲା ଜଗତର ସର୍ବକାଳୀନ ସୁଯୋଗ୍ୟ ସନ୍ତାନମାନଙ୍କର କଥା ଯେତେବେଳେ ଆସେ ପ୍ରଥମେ ଆସନ୍ତି, ଗାୟକ ରତ୍ନ ହରେକୃଷ୍ଣ ନାଥ ବା ହରି ନାଥ । ଜଣେ ରସପୂର୍ଣ୍ଣ ଗାୟକ ଭାବେ ସେ ପରିଚିତ । ସୁମଧୁର ଗାୟନ ସହ ସେ ପାଲା ମଞ୍ଚରେ ନବରସକୁ ଏଭଳି ଭାବପ୍ରବଣ ହୋଇ ପରିବେଷଣ କରୁଥିଲେ ଯେ, ଦର୍ଶକ ତଲ୍ଲୀନ ହୋଇଯାଉଥିଲେ । ସେ କରୁଣ ରସରେ ପାଲା ଗାଇ ନିଜେ କାନ୍ଦିବା ସହ ଦର୍ଶକଙ୍କୁ କନ୍ଦାଉଥିଲେ । ପାଲା ଜଗତର ଏହି ଅମ୍ଳାନ ପ୍ରତିଭା ୧୯୦୯ ମସିହାରେ ବର୍ତ୍ତମାନର କେନ୍ଦ୍ରାପଡ଼ା ଜିଲ୍ଲାର ତରଡ଼ିପାଳ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ।

## ତୁଳନାତ୍ମକ ବିଶ୍ଳେଷଣରେ ଧୁରୀଣ





### ବୈଷ୍ଣବ ଚରଣ ପ୍ରଧାନ

ଗାୟକ ସମ୍ରାଟ୍ ବୈଷ୍ଣବ ପ୍ରଧାନ ଥିଲେ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ । ପାଲାରେ ସର୍ବପ୍ରଥମେ ଉଚ୍ଚକୋଟୀର ତୁଳନାତ୍ମକ ବିଶ୍ଳେଷଣ କରି ଏକ ନୂଆ ଧାରା ସେ ସୃଷ୍ଟି କରିଥିଲେ । ସଂସ୍କୃତ କାବ୍ୟ, ନାଟକ ସହ ଓଡ଼ିଆ ସାହିତ୍ୟ ବିଶେଷ କରି ଭଞ୍ଜ ସାହିତ୍ୟରେ ତାଙ୍କ ବ୍ୟୁତ୍ପତ୍ତି ଥିଲା ଅସାମାନ୍ୟ । ପାଲାକୁ ଉଚ୍ଚ ଶିକ୍ଷିତ ଓ ବୁଦ୍ଧିଜୀବୀ ମହଲରେ ଲୋକପ୍ରିୟ କରାଇବାରେ ବୈଷ୍ଣବ ପ୍ରଧାନଙ୍କର ଥିଲା ପ୍ରମୁଖ ଭୂମିକା । ଅନେକ କାବ୍ୟ, କବିତା ରଚନା କରି ସେ ପାଲା ସାହିତ୍ୟକୁ ସମୃଦ୍ଧ କରିଛନ୍ତି । ଏହି ମହାନ ଗାୟନାଚାର୍ଯ୍ୟ ୧୯୧୮ ମସିହାରେ କଟକ ଜିଲ୍ଲା ସାଲେପୁର ଅନ୍ତର୍ଗତ ଅମଣିଆପାଟଣା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ।



## ପାଲାରେ ଅମୃତ ବର୍ଷା

### ପରମାନନ୍ଦ ଶରଣ

ଗାୟକ ସୁଧାକର ଶ୍ରୀଯୁକ୍ତ ପରମାନନ୍ଦ ଶରଣଙ୍କ କଣ୍ଠସ୍ୱର ଏତେ ସୁମଧୁର ଥିଲା ଯେ, ଲୋକେ କହନ୍ତି ଶରଣଙ୍କ ପାଲାରେ ଅମୃତ ବର୍ଷା ହୁଏ । ପରମାନନ୍ଦ ଶରଣଙ୍କ ପାଲାରେ ଓଡ଼ିଆ ସଙ୍ଗୀତର ମୌଳିକ ରାଗରାଗିଣୀ ଦେଖିବାକୁ ମିଳିଥାଏ । ତାଙ୍କ ପାଲାରେ ଇତିହାସ, ପୁରାଣ, ଦର୍ଶନଠାରୁ ଆରମ୍ଭ କରି ବିଜ୍ଞାନ, ରାଜନୀତି, ଧର୍ମନୀତି, ଅର୍ଥନୀତି, ବୈଦେଶିକ ନୀତି ପର୍ଯ୍ୟନ୍ତ ଦେଖିବାକୁ ମିଳିଥାଏ, ଯାହା ଥିଲା ସ୍ୱତନ୍ତ୍ର । ଏହି ଯୋଗଜନ୍ମା ପାଲା ଗାୟକ ୧୯୧୭ ମସିହାରେ ଯାଜପୁର ଜିଲ୍ଲାର ନୀଳକଣ୍ଠପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ।

## ବିଦଗ୍ଧ କଳା ପାଲାରେ ଯୁଗ ପ୍ରବର୍ତ୍ତନକାରୀ

### ବିଶ୍ୱନାଥ ପଟ୍ଟଯୋଷୀ



ପାଲା ଜଗତର ସମୁଜ୍ଜ୍ୱଳ ପ୍ରତିଭା ହେଉଛନ୍ତି ଗାୟକ ସମ୍ରାଟ୍ ବିଶ୍ୱନାଥ ପଟ୍ଟଯୋଶୀ । ଅସାଧାରଣ ପ୍ରଜ୍ଞା, ପ୍ରଚଣ୍ଡ ପ୍ରତିଭା, ଉଭୟ ଓଡ଼ିଆ ଓ ସଂସ୍କୃତ ସାହିତ୍ୟରେ ସେ ଥିଲେ ଧୁରୀଣ । ବିଦଗ୍ଧ କଳା ପାଲାରେ ଯୁଗ ପ୍ରବର୍ତ୍ତନକାରୀ ହେଉଛନ୍ତି ବିଶ୍ୱନାଥ ପଟ୍ଟଯୋଷୀ । ସଂସ୍କୃତ କାବ୍ୟ ନାଟକରେ ଥିଲା ତାଙ୍କର ପ୍ରଚଣ୍ଡ ପାରଦର୍ଶିତା । ସଂସ୍କୃତ କାବ୍ୟ ପରି ସେ ଓଡ଼ିଆରେ ଅନେକ ଉଚ୍ଚକୋଟୀର କାବ୍ୟ, କବିତା ରଚନା କରି ପାଲା ସଂସ୍କୃତିକୁ ସମୃଦ୍ଧ କରିଛନ୍ତି । ୧୯୦୮ ମସିହାରେ ବର୍ତ୍ତମାନର ନୟାଗଡ଼ ଜିଲ୍ଲାର ରମାବିଲ ଗ୍ରାମରେ ଜନ୍ମଲାଭ କରିଥିଲେ ବିଶ୍ୱନାଥ ପଟ୍ଟଯୋଷୀ ।



## ପାଶ୍ଚାତ୍ୟ ସାହିତ୍ୟର ଚିତ୍ର ଦେବାରେ ପାରଙ୍ଗମ


### ଜଗନ୍ନାଥ ବେହେରା

ପାଲାକୁ ଜାତୀୟସ୍ତରରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ରହିଛି ଗାୟକ ଶେଖର ଜଗନ୍ନାଥ ବେହେରାଙ୍କର। ତାଙ୍କ ପାଲାରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟର ତୁଳନାତ୍ମକ ଚିତ୍ର ଦେଖିବାକୁ ମିଳିଥାଏ। ଅତି ଉଚ୍ଚକୋଟୀର ଭାଷା, ଅନର୍ଗଳ ଭାଷଣ ତାଙ୍କ ପାଲାର ବୈଶିଷ୍ଟ୍ୟ। ପାଲାରେ ସେ ସେକ୍ସପିଅର, ୱାର୍ଡସ୍ ୱାର୍ଥ, ବାଇରନ୍‌ଙ୍କ ପରି ପାଶ୍ଚାତ୍ୟ ସାହିତ୍ୟିକଙ୍କ ରଚନାକୁ ପରିବେଷଣ କରି ନୂଆ ଧାରା ସୃଷ୍ଟି କରିଛନ୍ତି। ୧୯୨୬ ମସିହାରେ ବର୍ତ୍ତମାନର ଜଗତସିଂହପୁର ଜିଲ୍ଲାର କଟିଜଙ୍ଗା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ଜଗନ୍ନାଥ ବେହେରା। ପାଲା ଜଗତକୁ ଉଲ୍ଲେଖନୀୟ ଅବଦାନ ପାଇଁ ସେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ସହିତ ରାଷ୍ଟ୍ରପତିଙ୍କଠାରୁ ସମ୍ମାନଜନକ ବୟୋଶ୍ରେଷ୍ଠ ପୁରସ୍କାର ଗ୍ରହଣ କରିଛନ୍ତି। ପାଲା ଜଗତର ଏହି ଭୀଷ୍ମପିତାମହଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିବାକୁ ଦୀର୍ଘ ବର୍ଷ ଧରି ଦାବି ହୋଇ ଆସୁଛି। ବର୍ତ୍ତମାନର ସରକାର ଏଥିପ୍ରତି ଧ୍ୟାନ ଦେବାକୁ ଅନୁରୋଧ।

## କଳାତ୍ମକ ପ୍ରକାଶଭଙ୍ଗୀର ପ୍ରଚଳନରେ ରେକର୍ଡ

### ଅର୍ଜୁନ ଦାଶ

ପାଲା ଜଗତର ଅନିର୍ବାଣ ଦୀପଶିଖା ଗାୟକ ବାଣୀବିଭୂଷଣ ଅର୍ଜୁନ ଦାଶ। ଚିରାଚରିତ ପାଲାରେ କଳାତ୍ମକ ପ୍ରକାଶଭଙ୍ଗୀର ପ୍ରଚଳନ କରି ସେ ସୃଷ୍ଟି କରିଥିଲେ ନବଦିଗନ୍ତ। ତାଙ୍କର ସୌମ୍ୟକାନ୍ତି ରୂପ ଓ ସୁମଧୁର ସ୍ୱରର ଝଙ୍କାର ଅଗଣିତ ଶ୍ରୋତାମଣ୍ଡଳୀଙ୍କୁ



ସମ୍ମୋହିତ କରୁଥିଲା। ଶୃଙ୍ଗାର ଓ କରୁଣ ରସରେ ବିଭିନ୍ନ ବିଷୟକୁ ଅର୍ଜୁନ ଦାଶ ଏଭଳି ପରିବେଷଣ କରୁଥିଲେ ଯେ, ଦର୍ଶକ ମନ୍ତ୍ରମୁଗ୍ଧ ହୋଇଯାଉଥିଲେ। ଛାନ୍ଦ, ଚଉପଦୀ, ଓଡ଼ିଶୀ, ଚମ୍ପୂ ଆଦି ଗାଇବାରେ ସେ ଥିଲେ ଧୁରୀଣ। ଏହି ଅମ୍ଳାନ ପ୍ରତିଭା ୧୯୨୩ ମସିହାରେ ଜଗତସିଂହପୁର ଜିଲ୍ଲା ସଲମପୁର ଗ୍ରାମରେ ଜନ୍ମଲାଭ କରିଥିଲେ।

## ପାଲା ଜଗତର ଦିବ୍ୟ ପୁରୁଷ

### ମାର୍କଣ୍ଡେୟ ବାହିନୀପତି

ଗାୟକ ବିଶାରଦ ମାର୍କଣ୍ଡେୟ ବାହିନୀପତି ପାଲା ଜଗତର ଜୀବନ୍ତ ପାଠାଗାର ଭାବେ ପରିଚିତ। ତାଙ୍କ ପରି କୌଣସି ଗାୟକ ଏତେ ସଂସ୍କୃତ କାବ୍ୟ, ନାଟକ, ଶାସ୍ତ୍ର, ପୁରାଣ କଣ୍ଠସ୍ଥ କରିପାରିନାହାନ୍ତି। ମାଆ ଉଗ୍ରତାରାଙ୍କ ଆଶୀର୍ବାଦରେ ସେ ଏଭଳି ପ୍ରତିଭାର ଅଧିକାରୀ ଥିଲେ ଯେ, ପ୍ରତିପକ୍ଷ ଗାୟକଙ୍କର ସମସ୍ତ ପ୍ରଶ୍ନର ଉତ୍ତର ସେ ଅକ୍ଳେଶରେ ଦେଇପାରୁଥିଲେ। ପାଲା ଜଗତର ଏହି ଦିବ୍ୟ ପୁରୁଷ ୧୯୨୨ ମସିହାରେ ପୁରୀ ଜିଲ୍ଲା ଚିଲିକା ତଟବର୍ତ୍ତୀ ଭୁଷଣ୍ଡପୁର ଗ୍ରାମରେ ଜନ୍ମଲାଭ କରିଥିଲେ।





## ପାଲା ଆକାଶର ଉଜ୍ଜ୍ୱଳ ନକ୍ଷତ୍ର

### ଅନନ୍ତ ଚରଣ ମହାପାତ୍ର

ପାଲା ଆକାଶର ଉଜ୍ଜ୍ୱଳ ନକ୍ଷତ୍ର ଗାୟକ ସରୋଜ ଅନନ୍ତ ଚରଣ ମହାପାତ୍ର। ମାଆ ସାରଳାଙ୍କ ବରପୁତ୍ର ଶ୍ରୀଯୁକ୍ତ ମହାରଣା ରାଜ୍ୟର ପୁରପଲ୍ଲୀରେ ପ୍ରତିଷ୍ଠା ଅର୍ଜନ କରିବା ସହ ଦିଲ୍ଲୀରେ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ, ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁ, ଲାଲବାହାଦୁର ଶାସ୍ତ୍ରୀ ଓ ଇନ୍ଦିରା ଗାନ୍ଧୀଙ୍କ ସମ୍ମୁଖରେ ପାଲା ପରିବେଷଣ କରି ସେମାନଙ୍କର ଶ୍ରଦ୍ଧାଭାଜନ ହୋଇଥିଲେ। ଅତି ଚମତ୍କାର ମନ୍ଦିରା ବାଦନ କରିବାରେ ସେ ଥିଲେ ଅଦ୍ୱିତୀୟ। ୧୯୨୩ ମସିହାରେ କଟକ ଜିଲ୍ଲା ବାଙ୍କୀ ଅନ୍ତର୍ଗତ ରତାଗଡ଼ ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ।

## ପାଲା ଜଗତରେ ବିସ୍ମୟ

### ପ୍ରହ୍ଲାଦ ସାହୁ



ପ୍ରଚଣ୍ଡ ପ୍ରତିଭାର ଅଧିକାରୀ, ଯୋଗଜନ୍ମା ଗାୟକ ପ୍ରହ୍ଲାଦ ସାହୁ। ତାଙ୍କ ପାଖରେ ହାର୍ ମାନିଥିଲା ବୟସ। ୮୬ ବର୍ଷ ବୟସରେ ବି ଦାନ୍ତ ପଡ଼ିନଥିଲା, କେଶ ପାଚି ନଥିଲା, ଦୃଷ୍ଟିଶକ୍ତି କ୍ଷୀଣ ହୋଇନଥିଲା, ସ୍ମରଣ ଶକ୍ତି ପୂର୍ବବତ୍ ରହିଥିଲା। ସବୁଠାରୁ ବଡ଼କଥା ହେଉଛି, ମୃତ୍ୟୁର ଶେଷ ସପ୍ତାହ ପର୍ଯ୍ୟନ୍ତ ସେ ବାଦୀ ପାଲାରେ ଅବତୀର୍ଣ୍ଣ ହୋଇ ତାଙ୍କ ସ୍ୱଭାବସୁଲଭ ଢଙ୍ଗରେ ଯୁବକଙ୍କ ପରି ପାଲା ପରିବେଷଣ କରିଥିଲେ। ସେ ଥିଲେ ଏଭଳି ପ୍ରତିଭାର ଅଧିକାରୀ ଯାହାଙ୍କ ପ୍ରତିପକ୍ଷରେ ଛିଡ଼ା ହେବାକୁ ଗାୟକମାନେ ଭୟଭୀତ ହେଉଥିଲେ। ଦେବୀ ସରସ୍ୱତୀ ଓ ଗ୍ରାମଦେବତୀଙ୍କ କୃପାରୁ ସେ ଏଭଳି ଐଶ୍ୱରୀୟ ଶକ୍ତିର ଅଧିକାରୀ ଥିଲେ ଯେ 'ରଘୁବଂଶ', 'କୁମାର ସମ୍ଭବମ୍', 'ଅଭିଜ୍ଞାନଶାକୁନ୍ତଳମ୍', 'ମାଘ', 'ନୈଷଧ' ଆଦି ଅନେକ କାବ୍ୟ ତାଙ୍କର ସମ୍ପୂର୍ଣ୍ଣ ମୁଖସ୍ଥ ହୋଇଥିଲା। ସଂସ୍କୃତ 'ମହାଭାରତ', 'ରାମାୟଣ', 'ଅଷ୍ଟାଦଶ ପୁରାଣ', 'ଚରକ ସଂହିତା', 'ଅଭିନବ ଚିନ୍ତାମଣି' ଆଦିରୁ ଗାଇବାରେ ସେ ଥିଲେ ସିଦ୍ଧହସ୍ତ। ଭଞ୍ଜ, ଦୀନକୃଷ୍ଣ, ଯଦୁମଣି, ଗଙ୍ଗାଧର, ରାଧାନାଥ, ବାଙ୍କ ଦାଶ ସାହିତ୍ୟରେ ବି ପ୍ରହ୍ଲାଦ ସାହୁଙ୍କର ଦଖଲ ରହିଥିଲା। ୧୯୩୫ ମସିହାରେ ଖୋର୍ଦ୍ଧା ଜିଲ୍ଲାର ସାରୁଅ ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ।

## ନିର୍ଭୀକ ପାଲା ଗାୟକ

### ନରୋତ୍ତମ ମହାପାତ୍ର

ସମ୍ଭ୍ରାନ୍ତ ଜମିଦାର ପରିବାରରେ ଜନ୍ମ, ଉଚ୍ଚ ଶିକ୍ଷିତ, ଚାହିଁଥିଲେ ବଡ଼ ଚାକିରି କରିପାରିଥାନ୍ତେ, ହେଲେ ସେ ବାଛିନେଇଥିଲେ କଳାକାରର ଜୀବନ। ସାହିତ୍ୟ ସାଧନାକୁ ନିଜ ଜୀବନର ବ୍ରତ କରି ପାଲା ଗାୟକ ହେବାର ରାସ୍ତା ବାଛିଥିବା, ସେହି ମହାନ କଳାକାର ହେଉଛନ୍ତି ଗାୟକ ଜ୍ଞାନସାଗର ନରୋତ୍ତମ ମହାପାତ୍ର। ଜଣେ ନିର୍ଭୀକ ପାଲା ଗାୟକ ଭାବେ ସେ ସାରା ରାଜ୍ୟରେ ପରିଚିତ। ଉଭୟ ଓଡ଼ିଆ ଓ ସଂସ୍କୃତ ସାହିତ୍ୟକୁ ନେଇ ତାଙ୍କର ଆଲୋଚନା ଓ ସମାଲୋଚନା ଅତି ଉଚ୍ଚକୋଟୀର। ବିରଳ ପ୍ରତିଭାର ଅଧିକାରୀ ଶ୍ରୀଯୁକ୍ତ ମହାପାତ୍ର ଖୋର୍ଦ୍ଧା ଜିଲ୍ଲା କଣ୍ଟାବାଡ଼ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ।




## ୪୦ ରାତ୍ରି ପାଲା ପରିବେଷଣର ରେକର୍ଡଧାରୀ

### ଲୋକନାଥ କର

ୀ୧୯୪୦ ମସିହାରେ ପାରଳା ପ୍ୟାଲେସ୍‌ରେ ମହାରାଜ ସତ୍ୟନାରାୟଣ ଗଜପତି ନାରାୟଣ ଦେଓଙ୍କ ସମ୍ମୁଖରେ ଏକାଦିକ୍ରମେ ୪୦ ରାତି ଉଚ୍ଚକୋଟୀର ପାଲା ପରିବେଷଣ କରି ଚାଞ୍ଚଲ୍ୟ ସୃଷ୍ଟି କରିଥିଲେ ଗାୟକ ରତ୍ନ ଲୋକନାଥ କର। ସେ ଜଣେ ପ୍ରଖ୍ୟାତ ପାଲା ଗାୟକ ହେବା ସହ ବିଶିଷ୍ଟ କବି ଥିଲେ। ତାଙ୍କର ବହୁ ଲୋକପ୍ରିୟ ରଚନା ଆଜି ମଧ୍ୟ କୀର୍ତ୍ତନ, ଦାସକାଠିଆ, ଦଣ୍ଡଯାତ୍ରା, ରାମଲୀଳା ଆଦିରେ ପରିବେଷଣ କରାଯାଉଛି। ଏହି ମହାନ କଳାକାର ୧୯୧୩ ମସିହାରେ ଖୋର୍ଦ୍ଧା ଜିଲ୍ଲା ବାଣପୁର ନିକଟସ୍ଥ ହରିପୁର ଶାସନରେ ଜନ୍ମଗ୍ରହଣ କରିଥିଲେ।



ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଯେଉଁ ପ୍ରତିଷ୍ଠିତ ଗାୟକମାନେ ପାଲାକୁ ଋଦ୍ଧିମନ୍ତ କରିଥିଲେ ସେମାନଙ୍କ ମଧ୍ୟରେ ଅନ୍ୟତମ ଅଭୟ ଚରଣ ସ୍ୱାଇଁ, ଲକ୍ଷ୍ମୀଧର ରାଉତ, ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ, କାହ୍ନୁଚରଣ ପତ୍ରୀ, ଘନଶ୍ୟାମ ନାୟକ, ଉଦୟନାଥ ରଥଶର୍ମା, ଧର୍ମାନନ୍ଦ ଦୀକ୍ଷିତ, କ୍ଷେତ୍ରବାସୀ ମିଶ୍ର, ହରିବନ୍ଧୁ ତ୍ରିପାଠୀ, ଭ୍ରମରବର ମହାରଣା, ଅନିରୁଦ୍ଧ ପାଣିଗ୍ରାହୀ, କୁଳମଣି ଶତପଥୀ, ରଘୁନାଥ ନାଥଶର୍ମା, ନିଶାକର ଷଡ଼ଙ୍ଗୀ, ସାରଙ୍ଗଧର ଜେନା, କରୁଣାସିନ୍ଧୁ ନାୟକ, ନିରଞ୍ଜନ ପଣ୍ଡା, ଅମରେଶ୍ୱର ଦାସ ପ୍ରମୁଖ। ପାଲା ଜଗତର ଏହି ମହାନ୍ ଗାୟକଙ୍କ ବ୍ୟତୀତ ଓଡ଼ିଶାରେ ଆହୁରି ଶହ ଶହ ସଂଖ୍ୟାରେ ପାଲା ଗାୟକ ଅଛନ୍ତି। ଉତ୍କଳୀୟ ପାଲା ସଂସ୍କୃତିକୁ ସେମାନଙ୍କ ଅବଦାନକୁ କଦାପି ଭୁଲି ହେବ ନାହିଁ। ■



ଅଭୟ ଚରଣ ସ୍ୱାଇଁ

ମୋ: ୯୪୩୮୦୫୧୮୯୧






## ପ୍ରବୀଣ କାର୍ତ୍ତିକଙ୍କ ପାଲଟା ପ୍ରହାର

ଶଙ୍ଖପତି ନବୀନ ଶିଷ୍ୟ କାର୍ତ୍ତିକ ପାଣ୍ଡିଆନଙ୍କ ସବୁ କଥାଗୁଡ଼ାକ ସିଧାସିଧା । ଯାହା ଠିକ୍, ତାହା ସବୁବେଳେ ଠିକ୍; କିଏ ଭଲ ଭାବୁ କି ଖରାପ । ସେଇଥିପାଇଁ ୨୦୨୪ ରାଜନୀତି କୁରୁକ୍ଷେତ୍ରରେ ଶଙ୍ଖ ଦଳର 'କପିଧ୍ୱଜ'ରେ ସାରଥୀ ସାଜିଥିବା କାର୍ତ୍ତିକଙ୍କ ଉପରେ ବିରୋଧୀଙ୍କ ରାଗ ପ୍ରବଳ । କେନ୍ଦ୍ରମନ୍ତ୍ରୀଙ୍କଠାରୁ ଆରମ୍ଭ କରି ତାଙ୍କ ଦଳର ସାଂସଦ, ପୂର୍ବତନ ସାଂସଦ, ପୂର୍ବତନ ରାଜ୍ୟ ସଭାପତି, ଏପରିକି ରାଜ୍ୟକୁ ନିର୍ବାଚନ ପର୍ଯ୍ୟଟନରେ ଆସୁଥିବା ଦିଲ୍ଲୀ ନେତା, ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ନିଶାଣରେ କାର୍ତ୍ତିକ । ତାଙ୍କ ପ୍ରତି ବିରୋଧୀଙ୍କ ଯାବତୀୟ ଅକଥନୀୟ ଭାଷା ବି ପ୍ରୟୋଗ କରୁଛନ୍ତି । ଏହା ସତ୍ତ୍ୱେ ସେ କେବେ ସଂଯମତା ହରାଇ ନାହାନ୍ତି କିମ୍ବା କାହାପ୍ରତି ପଦଟିଏ ବି ଅଶାଳୀନ ଭାଷା ପ୍ରୟୋଗ କରିନାହାନ୍ତି । ତେବେ ବାସ୍ତବ କଥାଟି ହେଉଛି ବିରୋଧୀ ପଦ୍ମ ଦଳିଆ ନେତାଙ୍କ କ୍ରମାଗତ ସମାଲୋଚନାର ଶସ୍ତ୍ରାଘାତ କାର୍ତ୍ତିକଙ୍କୁ ଏଇ କେଇ ମାସରେ ଦାୟବଦ୍ଧ ପୋଖତ ରାଜନେତାରେ ପରିଣତ କରିବାକୁ ସକ୍ଷମ ହୋଇଛି । ବିରୋଧୀଙ୍କ ଅପଶବ୍ଦ, କୁତ୍ସିତ ସମ୍ବୋଧନକୁ ଅତ୍ୟନ୍ତ ସଂଯମ ତଥା ରାଜନୀତି ଭାଷାରେ ଉତ୍ତର ଦେବାକୁ ସେ ସକ୍ଷମ ହୋଇ ପାରିଛନ୍ତି । କେଇଦିନ ତଳେ ନିଜ ଶ୍ୱଶୁର ଘର ଅଞ୍ଚଳ କେନ୍ଦ୍ରାପଡ଼ା ଜିଲ୍ଲାରେ ଅନୁଷ୍ଠିତ ସମାବେଶରେ ପୂର୍ବତନ ସାଂସଦ ତଥା ବିରୋଧୀ ଦଳର ସାଂସଦ ପ୍ରାର୍ଥୀଙ୍କ ନାମ ଉଲ୍ଲେଖ ନ କରି ସେ ଯେପରି କଳା-ଧଳା କୁମ୍ଭୀର ପ୍ରସଙ୍ଗର ଅବତାରଣା କରିଛନ୍ତି, ତାହା ତାଙ୍କର ରାଜନୈତିକ ପରିପକ୍ୱତାକୁ ପ୍ରଦର୍ଶିତ କରିଛି । ଖାଲି ସେତିକି ନୁହେଁ, ପାଞ୍ଚବର୍ଷ ଧରି ଅଜ୍ଞାତବାସରେ ଥିବା ନେତାମାନଙ୍କର ନିର୍ବାଚନ ଋତୁରେ ଆବିର୍ଭାବ ହେବାକୁ ସେ ଯେପରି କଟାକ୍ଷ କରିଛନ୍ତି, ସେଥିରେ ତାଙ୍କର ପ୍ରଶଂସକ ବିମୁଗ୍ଧ, ବିରୋଧୀ ବିଚଳିତ । ■



## ସୀମାହୀନ ଅହଂକାର ପ୍ରଦର୍ଶନ

ଅହଂକାରର ଗୋଟାଏ ସୀମା ଥାଏ; ମାତ୍ର ପଦ୍ମ ଦଳର କିଛି ନେତା ଅହଂକାରର ସବୁ ସୀମାକୁ ଅତ୍ୟନ୍ତ ନିର୍ଲଜତାର ସହ ଅତିକ୍ରମ କରି ଯାଇଥିବା ମନେହେଉଛି । ନିଜ ନେତାଙ୍କୁ 'ଦେଶ୍ କା ବାପ୍' ବୋଲି ସମ୍ବୋଧନ କରୁଥିବା ପଦ୍ମ ଦଳର ରାଷ୍ଟ୍ରୀୟ କୁହାଳିଆ ସମ୍ବିତ 'ମୋଦୀଙ୍କ ଭକ୍ତ ଜଗନ୍ନାଥ ' ବୋଲି ବଡ଼ଦାଣ୍ଡରେ ନିଷ୍କମ୍ପ ସ୍ୱରରେ ବର୍ଣ୍ଣନାର ଔଦ୍ଧତ୍ୟ ସାରା ଦେଶବାସୀଙ୍କୁ ଆଚମ୍ବିତ କରିଛି ସିନା ପଦ୍ମ ଦଳର ନେତାଙ୍କୁ ବିଚଳିତ ବା ବିବ୍ରତ କରିଥିବା ମନେ ହେଉନାହିଁ । ଏହା ପୂର୍ବରୁ ସମ୍ବିତଙ୍କ ପରି ତାଙ୍କ ଦଳର କିଛି ତୋଷାମଦକାରୀ ନେତାମାନେ ରାମଙ୍କୁ ତାଙ୍କ ଦଳର ଶୀର୍ଷ ନେତା ଆଣିଥିବା ପ୍ରଚାର କରୁଥିବା ଶୁଣା ଯାଇଛି । ତେଣୁ ଜଗନ୍ନାଥଙ୍କୁ ନିଜ ନେତାଙ୍କ ଭକ୍ତରେ ପରିଣତ କରିବା ସମ୍ବିତଙ୍କ ପାଇଁ କେଉଁ ବଡ଼ କଥା କି ? କିନ୍ତୁ ବିଡ଼ମ୍ବନା ହେଉଛି ଏହି ଘଟଣାକୁ ନେଇ ସାରା ଦେଶରେ ଲୋକଙ୍କ ମଧ୍ୟରେ ପ୍ରତିକ୍ରିୟା, ଅନ୍ୟ ଦଳର ଜାତୀୟ ନେତାମାନଙ୍କ ତୀବ୍ର ସମାଲୋଚନା ସମ୍ବିତ୍ ବା ତାଙ୍କ ଦଳର ନେତାମାନଙ୍କ ଉପରେ କାଣିଚାଏ ପ୍ରଭାବ ପକାଇନାହିଁ । ଦଳର ବଡ଼ ନେତାମାନେ ଭର୍ତ୍ସନା କରିବା ବଦଳରେ ସମ୍ବିତଙ୍କୁ ଖାଲି ସୁରକ୍ଷା ଦେଇ ନାହାନ୍ତି; ବିପୁଳ ଅର୍ଥ ବ୍ୟୟରେ 'କ୍ଷମା ଯାଚନା' ଓ 'ଉପବାସ' ବିଜ୍ଞାପନ ନେଇ ତାଙ୍କର ଏହି ଭୟଙ୍କର ଭୁଲର ଦୁର୍ଗନ୍ଧକୁ ବାଲିରେ ଢ଼ାଙ୍କିବାକୁ ଉଦ୍ୟମ କରିଛନ୍ତି । ଏହି ଅକ୍ଷମଣୀୟ ଭୁଲକୁ ସୁଯୋଗରେ ପରିଣତ କରି ନିର୍ବାଚନ ବୈତରଣୀ ପାର ହେବା ପରି ଅତ୍ୟନ୍ତ ନୀଚ ସ୍ତରର ରାଜନୀତି କରିବା ଆରମ୍ଭ କରିଛନ୍ତି । ଅତୀତରେ ପୁରୀର ଜନସାଧାରଣ ସମ୍ବିତଙ୍କ ଧାନ ବୁହା, ପଖାଳ ଖିଆ, ପୋଖରୀ ବୁଡ଼ା, ମୁଣ୍ଡରେ ଠାକୁରଙ୍କୁ ବୁହା ନାଟକ ଦେଖିଥିଲେ । ମାତ୍ର 'ଜଗନ୍ନାଥ ମୋଦୀଙ୍କ ଭକ୍ତ' ପରି ଭୟଙ୍କର ଧୃଷ୍ଟତାକୁ ଓଡ଼ିଶାବାସୀ ସହ୍ୟ କରିବେ ତ ? ■



## ମାଗି ଖାଉଥାଏ ବାସୀ ଅଇଁଠା

କେନ୍ଦ୍ରାପଡ଼ାର ହେଲିକପ୍ଟର ଜୟ ପଣ୍ଡା ଏକଦା ଥିଲେ ଶଙ୍ଖପତି ନବୀନଙ୍କ ଘନିଷ୍ଠ । ଜୟ ଏ ସମ୍ପର୍କରେ ବିଭିନ୍ନ ସମୟରେ ଅବତାରଣା କରିଥିବା ଅନେକ ଶୁଣିଛନ୍ତି । ଶଙ୍ଖପତିଙ୍କ ଆଶୀର୍ବାଦରେ ଜୟ ଦୁଇଥର ରାଜ୍ୟସଭାକୁ ଯାଇଥିଲେ, ଦୁଇଥର ଲୋକସଭାକୁ ନିର୍ବାଚିତ ହୋଇଥିଲେ ଓ ଦିଲ୍ଲୀରେ ଶଙ୍ଖ ଦଳର ଛାମୁଆଁ ନେତା ମାନ୍ୟତା ପାଇଥିଲେ ବୋଲି ପ୍ରାୟ ସମସ୍ତେ ଜାଣନ୍ତି । ମାତ୍ର ପଦ୍ମାଧିପତିଙ୍କ ହାତ ଥାପୁଡ଼ା ନିଜ ପିଠିରେ ଖାଇ ଜୟ ଯେବେଠାରୁ ଓଡ଼ିଶାର 'ବିଶ୍ୱଶର୍ମା' ହେବା ଲକ୍ଷ୍ୟରେ ଶଙ୍ଖପତିଙ୍କ ସ୍ୱାସ୍ଥ୍ୟକୁ ନେଇ ଗୁଜବ ଅଭିଯାନ ଆରମ୍ଭ କଲେ, ସେବେଠାରୁ ଶଙ୍ଖ ଦଳ ଆଉ ଜୟଙ୍କ ମଧ୍ୟରେ ବଢ଼ି ଚାଲିଲା ଦୂରତ୍ୱ । ନିଲମ୍ବନ ପରେ ପଦ୍ମ ଧାରଣ ନିମନ୍ତେ ସେ ଶଙ୍ଖ ଦଳ ତ୍ୟାଗ କଲେ ସିନା, ପଦ୍ମ ଧରି ଆଉ ସେ ସଂସଦ ପ୍ରବେଶ କରିପାରିଲେ ନାହିଁ । ୨୦୧୯ ରେ ଲକ୍ଷାଧିକ ଭୋଟ ବ୍ୟବଧାନରେ ପରାଜୟ ବରଣ କଲେ । ଚଳିତ ନିର୍ବାଚନରେ ବି କୁଆଡେ ସିଏ ସମଦଶା ଭୋଗିବାକୁ ଯାଉଛନ୍ତି ବୋଲି ବଳଦେବଜୀଉ ମାଟିବାସୀ ଖୋଲାଖୋଲି କହୁଛନ୍ତି । ସେଥିପାଇଁ ଜୟ ଓ ତାଙ୍କର ପଦ୍ମ ଦଳିଆ ଶୁଭାକାଂକ୍ଷୀମାନେ ଭାରି ବିଚଳିତ । ବିଜୟର ସମ୍ଭାବନା କମୁଥିବା ଦେଖି ଅନ୍ତତଃ ସମ୍ମାନଜନକ ପରାଜୟ ପାଇଁ ଏବେ ସବୁ ସାଧନକୁ ଜୟ ଏଣ୍ଡ କୋଃ କାମରେ ଲଗାଇ ଦେଇଛନ୍ତି । ମୋଦୀଙ୍କଠାରୁ ଯୋଗୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ତାଙ୍କ ନିର୍ବାଚନ କ୍ଷେତ୍ରରେ ପ୍ରଚାର ପାଇଁ ଅନୁରୋଧ କରୁଛନ୍ତି । ବିଡ଼ମ୍ବନା ହେଉଛି ପଦ୍ମ ଦଳର ଜାତୀୟ ଉପସଭାପତିଙ୍କ ପାଇଁ ଅନ୍ୟ ରାଜ୍ୟରେ ଦଳର ସାଂସଦ ପ୍ରାର୍ଥୀଙ୍କ ପ୍ରଚାର । ଯେଉଁ ଗୋଭିଲ୍ ମିରଟ୍‌ରେ ନିଜ ପ୍ରଚାର ପାଇଁ ରାମାୟଣର ଅଭିନେତାମାନଙ୍କୁ ବ୍ୟବହାର କରୁଥିଲେ, ସେହି ଗୋଭିଲ୍ ଆସି ଜୟଙ୍କ ପାଇଁ କେନ୍ଦ୍ରାପଡ଼ାରେ ପ୍ରଚାର କରୁଛନ୍ତି । କି ବିଡ଼ମ୍ବନା । ସେଇଥିପାଇଁ ପରା କୁହାଯାଇଛି-

**ଯାଚିଲେ ନ ରୁଚେ ମଣ୍ଡା ଗଇଁଠା ।**
**ମାଗି ଖାଉଥାଏ ବାସୀ ଅଇଁଠା ॥** ■



## ବନ ପୋଡ଼ି ଗଲେ ଜାଣିବ କିଏ

ବହୁତ ଦିନ ତଳେ ଗୋଟିଏ ଓଡ଼ିଆ ଚଳଚ୍ଚିତ୍ର ଗୀତ ଭାରି ପ୍ରସିଦ୍ଧ ହୋଇଥିଲା- 'ମନ ପୋଡ଼ି ଗଲେ ସଭିଏ ଜାଣନ୍ତି, ବନ ପୋଡ଼ି ଗଲେ ଜାଣିବ କିଏ..?' ଅନେକ ଦିନ ପରେ କୋରେଇରେ ମାୟାଧର ସୂତ ପଦ୍ମ ପ୍ରାର୍ଥୀ ଆକାଶଙ୍କ ଉଦାସ ଭାବ ଦୂର କରିବାକୁ ତାଙ୍କ ସମର୍ଥକମାନେ କୁଆଡ଼େ ଏହି ଗୀତକୁ ଦୋହରାଉଛନ୍ତି । ରିଲ୍ ନାୟକ ଆକାଶଙ୍କୁ ରାଜନୀତିର ନାୟକ ମାନ୍ୟତା ଦେଇଥିଲେ ଶଙ୍ଖପତି । ସାନ ଘଡ଼େଇ ପ୍ରୀତିଙ୍କ ସ୍ଥାନରେ ଟିକଟ ଦେଇ ରାଜନୀତିରେ ଦେଇଥିଲେ ପରିଚିତି । ଗତ ନିର୍ବାଚନରେ ଟିକଟ ନ ଦେଇଥିଲେ ସୁଦ୍ଧା ସମ୍ମାନଜନକ 'ମୋ କଲେଜ'ର ଅଧ୍ୟକ୍ଷ ପଦ ସହ ମନ୍ତ୍ରୀ ପାହ୍ୟା ବି ଦେଲେ । ମାତ୍ର ଚଳିତ ନିର୍ବାଚନରେ କୋରେଇ ଆସନ ଟିକଟ ଘୋଷଣା ପୂର୍ବରୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ପଦ୍ମ ପୋଖରୀକୁ ଲମ୍ଫ ମାରି ଗେରୁଆ ଟୋପି ପିନ୍ଧି ପକାଇଲେ ଆକାଶ । ବିଗତ ଦିନର ପ୍ରଭାବହୀନ ପଦ୍ମନେତ୍ରୀଙ୍କ ଶରଣାପନ୍ନ ହୋଇ ନିର୍ବାଚନ ବୈତରଣୀ ପାର ହେବାକୁ ସ୍ୱପ୍ନ ବି ଦେଖିଲେ । ମାତ୍ର ଏବେ କୁଆଡ଼େ ଅବସ୍ଥା ଅତି ସଙ୍ଗୀନ । ପଦ୍ମ ଦଳ ପାଇଁ ଆକାଶ ଅଶୁଭ କି ଆକାଶଙ୍କ ପାଇଁ ପଦ୍ମ ଦଳ ଅଶୁଭ ତାହା ତ ଜଣା ନାହିଁ; କୋରେଇରେ କୁଆଡ଼େ ମଉଳା ପଦ୍ମରୁ ପାଖୁଡ଼ା ଝଡ଼ିବା ଆରମ୍ଭ ହୋଇଥିବା ଅନେକ କହୁଛନ୍ତି । ସନ୍ଧ୍ୟା ଆଗମନରେ ନା ପଦ୍ମ ଫୁଟେ, ନା ଆକାଶ ଦିଶେ । ସେଥିପାଇଁ ରାଜ୍ୟ ପଦ୍ମ ମୋହନ ଚିନ୍ତାରେ, ଆଉ ଅକାଶ ଅବସାଦରେ । ପଦ୍ମ ଦଳର ସବୁ ନେତା ନିଜ ଅଞ୍ଚଳରେ ଶଙ୍ଖ ବ୍ୟୂହରେ ବନ୍ଦୀ, ନିଜେ ବଞ୍ଚିଲେ ବାପର ନାଁ ନ୍ୟାୟରେ ପଦ୍ମ ନେତା ନିଜ ଚିନ୍ତାରେ ବ୍ୟସ୍ତ । ଏହା ହିଁ କୁଆଡ଼େ ଆକାଶଙ୍କ ଅବସାଦର ଅନ୍ୟତମ କାରଣ । ■

**ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।**